ODIA DAILY EDITION
19.02.2025
କଟକ, ବୁଧବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଫେବୃଆରୀ-୧୯, ୨୦୨୫
ବର୍ଷ-୩୬, ସଂଖ୍ୟା-୨୨୪
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ବିଷ୍ଣୁପଦଙ୍କ ଘରେ ସିବିଆଇ ରେଡ୍

## • ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନି ଲିଙ୍କ୍‌କୁ ନେଇ ଖୋଳତାଡ଼

## • ସିବିଆଇ ଚଢ଼ଉ ପରେ ଆଇଏଏସ୍ ପଦରୁ ଦେଲେ ଇସ୍ତଫା

**ଭୁବନେଶ୍ୱର, ୧୮।୨:** ବାଲେଶ୍ୱର ଜିଲ୍ଲା ଭୋଗରାଇର ସହୋରିଆ ପଞ୍ଚାୟତ ଅଧୀନ ନରସିଂହପୁର ଗାଁରେ ମଙ୍ଗଳବାର ସିବିଆଇର ୪ଜଣିଆ ଟିମ୍ ଆଇଏଏସ ବିଷ୍ଣୁପଦ ସେଠୀଙ୍କ ପୈତୃକ ବାସଭବନରେ ତନଖି କରିବା ସହ ଭୁବନେଶ୍ୱର ସରକାରୀ ବାସଭବନ ଚଢ଼ାଉ କରିଥିବା ଖବର ମିଳିଛି। ଆଜି ସକାଳ ୬ଟା ୩୦ ମି ସମୟରେ ଏକ ୪ ଜଣିଆ ଟିମ ଆସି ନରସିଂହପୁର ବାସଭବନରେ ରହୁଥିବା ଜଣେ ବୃଦ୍ଧ ଓ ବୃଦ୍ଧାଙ୍କ ସହ ଭିତରୁ କବାଟ କିଳି କଣ ତଦନ୍ତ ଓ ଯାଞ୍ଚ କରିଛନ୍ତି ଜଣାପଡ଼ିନାହିଁ। ତଦନ୍ତ କାରୀଦଳଠାରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନି ଲିଙ୍କ୍‌କୁ ନେଇ ଖୋଳତାଡ଼ ପାଇଁ ବିଷ୍ଣୁପଦ ସେଠୀଙ୍କ ସରକାରୀ ବାସଭବନରେ ଚଢ଼ାଉ କରାଯାଉଛି ବୋଲି ଜଣାପଡ଼ିଛି ।

ଅନ୍ୟପକ୍ଷରେ ଆଇଏଏସ୍ ପଦରୁ ଇସ୍ତଫା ଦେଇଛନ୍ତି ବିଷ୍ଣୁପଦ । ମୁଖ୍ୟ ଶାସନ ସଚିବଙ୍କୁ ପଠାଇଛନ୍ତି ନିଜର ଇସ୍ତଫା । ନିଜର ଇସ୍ତଫା ପତ୍ରରେ ଲେଖିଛନ୍ତି ଯେ, ୧୯୯୫ ବ୍ୟାଚର ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିରନ୍ତର ଓ ନିସ୍ୱାର୍ଥପର ସେବା ଯୋଗାଇଆସିଛି । କିନ୍ତୁ ଆଜି ହଠାତ୍ ମୋ ଘରେ ସିବିଆଇ ଚଢାଉ କରିବା ନିହାତି ଦୁର୍ଭାଗ୍ୟଜନକ ।

ଯାଞ୍ଚ ବ୍ୟୁରୋ ରେଡ୍ ତରିକା ଠିକ୍ ନଥିଲା ବୋଲି କହିଛନ୍ତି ବିଷ୍ଣୁପଦ ସେଠୀ । ବିନା ଏଫ୍ଆଇଆର୍‌ରେ କିପରି ମୋ ଘରେ ରେଡ୍ କରାଗଲା ସେ ପ୍ରଶ୍ନ କରିଛନ୍ତି । ସେ ଆହୁରି କହିଛନ୍ତି ଏସବୁ ଉଦ୍ଦେଶ୍ୟ ପ୍ରଣୋଦିତ । ଏସବୁରେ ଅତିଷ୍ଠ ହୋଇ ମୁଁ ଆଜି ମୋ ପଦରୁ ଇସ୍ତଫା ଦେଉଛି । ମୋ ପ୍ରତି ଅବିଚାର ହୋଇଥିବା ସେ ସ୍ପଷ୍ଟ କରିଛନ୍ତି । ତେବେ ତାଙ୍କ ଇସ୍ତଫା ପତ୍ରକୁ ଏଯାଏଁ ଗ୍ରହଣ କରାଯାଇନି ।

ସୂଚନା ଥାଉକି, ଦେଢ଼ କୋଟି ଟଙ୍କାର ଡିଲ ପାଇଁ ୧୦ ଲକ୍ଷର ଲାଞ୍ଚ କାରବାର ନେଇ ଡିସେମ୍ବର ୬ରେ ମେ ଫେୟାର ସାମ୍ନାରେ ଏକ ଦାମୀ କାରରେ ରେଡ୍ ମାରିଥିଲା ଦିଲ୍ଲୀ ସିବିଆଇ। ବ୍ରିଜ ଏଣ୍ଡ ରୁଫ କନ୍‌ଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡରେ ବି ତନାଘନା କରିଥିଲା ସିବିଆଇ। ଏମିତିକି ମାମଲାରେ ତିନି ଜଣଙ୍କୁ ନିଜ ହେପାଜତରେ ନେଇଛି ସିବିଆଇ। ବ୍ରିଜ ଆଣ୍ଡ ରୁଫ କମ୍ପାନିର ଓଡ଼ିଶା ପଶ୍ଚିମବଙ୍ଗ ଶାଖା ମୁଖ୍ୟ ଚଞ୍ଚଲ୍ ମୁଖାର୍ଜୀ, ବରିଷ୍ଠ ଅଧିକାରୀ ସନ୍ତୋଷ ମହାରଣା, ଓଡିଶାର ଜଣେ ନାମୀ ଠିକାଦାର ଦେବଦତ୍ତ ମହାପାତ୍ରଙ୍କୁ ସିବିଆଇ ଅଧିକାରୀ ମାରାଥନ ଜେରା କରିଥିଲା ।

ପରେ ପ୍ରଥମ ପର୍ଯ୍ୟାୟରେ ୩ ଦିନିଆ ରିମାଣ୍ଡ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫ ଦିନିଆ ରିମାଣ୍ଡ ନେଇଥିଲା ସିବିଆଇ। ବ୍ରିଜ ଆଣ୍ଡ ରୁଫ କମ୍ପାନୀର ଓଡ଼ିଶା ପଶ୍ଚିମବଙ୍ଗ ଶାଖା ମୁଖ୍ୟ ଚଞ୍ଚଲ୍ ମୁଖାର୍ଜୀଙ୍କ ସହ ଆଇଏଏସ ବିଷ୍ଣୁ ପଡ଼ ସେଠୀଙ୍କ ଲିଙ୍କ ସାମ୍ନାକୁ ଆସିଥିଲା। ଆଇଏଏସ ବିଷ୍ଣୁ ପଦ ସେଠୀଙ୍କ ଡ୍ରାଇଭର ଅଫିସ କର୍ମଚାରୀ, କେୟାର ଟେକର କୁ ଜେରା କରିଥିଲା ସିବିଆଇ। ରିମାଣ୍ଡ ସମୟରେ ଅନେକ ତଥ୍ୟ, ଲାଞ୍ଚ କାରବାର, ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ଲାଗିଥିଲା ସିବିଆଇ ହାତରେ।

ରିମାଣ୍ଡ ସମୟରେ ସମ୍ପୃକ୍ତ କମ୍ପାନୀ କୋଟି କୋଟି ଟଙ୍କାର ହେରଫେର ସହ ଟେଣ୍ଡର ଫିକ୍ସିଂ, ଦୁର୍ନୀତି ବଡ଼ ବଡ଼ ବାବୁଙ୍କ ମଧୁ ଚନ୍ଦ୍ରିକା ସାମ୍ନାକୁ ଆସିଥିଲା । ଟେଣ୍ଡର ଫିକ୍ସିଂଙ୍ଗ ପାଇଁ ବିଲ୍ଡର୍ସ ସଂସ୍ଥା ଠୁ କୋଟିକୋଟି ଟଙ୍କା ପିସି କାରବାର ହେଉଥିଲା। ବରିଷ୍ଠ ଆଇଏଏସ ବିଷ୍ଣୁ ପଦ ସେଠୀଙ୍କୁ ସିବିଆଇର ସମନ କରିଥିଲେ। ଚଞ୍ଚଳ ମୁଖାର୍ଜୀଙ୍କ ସହ ଥିଲା ଭିତିରି ସଂପର୍କ। ଆଇଏଏସ ବିଷ୍ଣୁପଦ ସେଠୀଙ୍କ ୩ ଡ୍ରାଇଭର, କେୟାର ଟେକର, ଅଫିସ କର୍ମଚାରୀଙ୍କୁ ସିବିଆଇ ଅଫିସରେ ମାରାଥନ ଜେରା କରାଯାଇଥିଲା। କିନ୍ତୁ ଆଇଏଏସ ବିଷ୍ଣୁ ପଦ ସେଠୀ ଶାରୀରିକ ଅସୁସ୍ଥତା ଦେଖେଇ ନିଜର ଓକିଲଙ୍କୁ ପଠେଇ ଥିଲେ। ନିଜେ କିନ୍ତୁ ସିବିଆଇ ଅଫିସରେ ହାଜିର ହେଇ ନ ଥିଲେ।





## ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି

**ପୁରୀ, ୧୮।୨:** ବୁଧବାର ଫାଲଗୁନ କୃଷ୍ଣ ଷଷ୍ଠୀ ତିଥି। ଏହି ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ଘ.୫.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

**୫ ଘଣ୍ଟା ଦର୍ଶନ ବନ୍ଦ**

ବୁଧବାର ଶ୍ରୀମନ୍ଦିରରେ ହେବ ଶ୍ରୀଜୀଉଙ୍କ ଗୁପ୍ତ ନୀତି। ଶ୍ରୀମନ୍ଦିରରେ ବନକଲାଗି ନୀତି ଅନୁଷ୍ଠିତ ହେଉଥିବା ହେତୁ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ୫ ଘଣ୍ଟା ବନ୍ଦ ରହିବ। ଶ୍ରୀଜିଉଙ୍କ ବନକଲାଗି ନୀତି ଲାଗି ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୫ରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ବନକଲାଗି ନୀତି ସଂପନ୍ନ ହେବା ପରେ ଶ୍ରଦ୍ଧାଳୁ ଦର୍ଶନ କରିପାରିବେ। ଏନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

**କନ୍ଧମାଳ, ୧୮।୨:** ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାଶ ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଘଟଣାର ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଏବଂ ପୀଡିତାଙ୍କ ବୟାନ ଆଧାରରେ ଅଭିଯୁକ୍ତ ଟିକାବାଲି ଥାନା ଅନ୍ତର୍ଗତ ତୋଟା ପଦର ଗ୍ରାମର ଷ୍ଟିଭେନ୍ ଦିଗାଲଙ୍କୁ ଦୋଷୀ ସାବ୍ୟସ୍ତ କରି ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ଅଧିକ ୯ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ଶୁଣାଇଛନ୍ତି ବିଚାରପତି। ସୂଚନା ଅନୁଯାୟୀ, ଗତ ୨୦୨୨ ମସିହା ଅପ୍ରେଲ ମାସ ୧୦ ତାରିଖ ଦିନ ହେମନ୍ତ ସମ୍ପୃକ୍ତ ଅଂଚଳର ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ପୀଡିତାଙ୍କ ପକ୍ଷରୁ ଟିକାବାଲି ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ଟିକାବାଲି ପୋଲିସ୍ ଏକ ମାମଲା ୧୯/୨୦୨୨ ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା । ଆଜି ସେହି ମାମଲାରର ବିଚାରଣ କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି ।

| | |
|---|---|
| ସେନ୍‌ସେକ୍ସ | ୭୫,୯୬୭ |
| ନିଫ୍ଟି | ୨୨,୯୪୫ |
| ସୁନା/୧୦ଗ୍ରା | ୮୮,୨୯୫ |
| ରୂପା/କିଗ୍ରା | ୧,୦୦,୫୦୦ |
| ଡଲାର | ୮୬.୯୧ |

## ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୪.୧° |
| କଟକ: | ୩୪.୨° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୧.୦° |
| କଟକ: | ୨୦.୬° |

## ହାଲ୍‌ଚାଲ୍



ପଶ୍ଚିମାଝଡ଼ ପ୍ରଭାବରେ ଆଜିଠୁ ବରଷା ହୋଇବ ତିନିଦିନ ଧରି ଲାଗି ରହିବ ବିଜୁଳି-ଘଡ଼ଘଡ଼ି ମାରିବ ଲୋକଙ୍କୁ ପ୍ରବଳ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିବ ।

# ଶାଶୁ-ଶ୍ୱଶୁରଙ୍କୁ ହାଣିଲା ଜ୍ୱାଇଁ

## •ଡାହାଣି ସନ୍ଦେହରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା

## •ବର୍ତ୍ତିଗଲେ ପୁତ୍ରବଧୂ-ନାତୁଣୀ

## •ଅଭିଯୁକ୍ତ ଗିରଫ



**ରାଇରଙ୍ଗପୁର/ବିଶୋଇ, ୧୮।୨:** ଅନ୍ଧବିଶ୍ୱାସର ଏକ କରୁଣ ପରିଣତି ପୁଣି ଥରେ ଦେଖିବାକୁ ମିଳିଛି। ଡାହାଣୀ ସନ୍ଦେହରେ ମୟୂରଭଂଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ କିତାବେଡ଼ା ଗ୍ରାମର ଡୁଙ୍ଗୁରିସାହିର ଦମ୍ପତି ଦେବେନ୍ଦ୍ର ନାଏକ(୭୦) ଓ ତାଙ୍କ ସ୍ତ୍ରୀ ଚମ୍ପା ନାଏକ ଙ୍କୁ ଉକ୍ତ ଗ୍ରାମର ଯୁବକ ଅଜୟ ନାଏକ (୨୩) କୁରାଢ଼ୀରେ ଅତି ନିର୍ମମ ଭାବରେ ହତ୍ୟା କରିଛି। ଏହି ଅଭାବନୀୟ ଘଟଣାରୁ ମୃତକଙ୍କ ପୁତ୍ରବଧୂ ସୁମିତ୍ରା ନାଏକ ଓ ଅଢ଼େଇ ବର୍ଷର ନାତୁଣୀ ମେଘନା ନାଏକ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି।

ସୂଚନା ଅନୁସାରେ ସୋମବାର ରାତି ପ୍ରାୟ ୮ଟାରେ ଦେବେନ୍ଦ୍ର ନିଜ ଘର ଅଗଣାରେ ଥିବା ବିଲାତି କ୍ଷେତରେ ପାଣି ଦେଉଥିବା ବେଳେ ଅଜୟ ଆସି କଥା ହୋଇଥିଲା। କିଛି ସମୟ ପରେ ଅଜୟ କୁରାଢ଼ୀରେ ଦେବେନ୍ଦ୍ରଙ୍କ ମୁଣ୍ଡକୁ ଆକ୍ରମଣ କରି ହତ୍ୟା କରିଥିଲା। ପରେ ଦେବେନ୍ଦ୍ରଙ୍କ ବାସଗୃହ ମଧ୍ୟରେ ପଶି ଚମ୍ପାଙ୍କ ମୁଣ୍ଡ ଉପରେ କୁରାଢ଼ୀ ଚୋଟ ମାରିଥିଲା।

ଆଜି ସକାଳେ ସୁମିତ୍ରା ନିଜ ଘରକୁ ଆସି ଏନେଇ ଅନ୍ୟ ଏକ ଗ୍ରାମରେ ରହୁଥିବା ନିଜର ଦିଅର ରାବେନ୍ଦ୍ର ନାଏକଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବରପାଇ ରାବେନ୍ଦ୍ର ଘରକୁ ପହଞ୍ଚି ଏନେଇ ବିଶୋଇ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦେବେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଚମ୍ପାଙ୍କ ଗୁଣି ଗାରେଡି ବିଦ୍ୟା ପ୍ରଭାବରେ ଅଭିଯୁକ୍ତ ଅଜୟଙ୍କ ଶିଶୁପୁତ୍ର ଓ ବାପା ସୁରେନ୍ଦ୍ରଙ୍କ ବାରମ୍ବାର ଦେହ ଖରାପ ହୋଉଥିବାର ସନ୍ଦେହ କରି ଆସୁଥିଲା। ତେଣୁ ଡାହାଣୀ ସନ୍ଦେହ କରୁଥିଲା। ଉଭୟ ଦମ୍ପତିଙ୍କୁ ଅଜୟ ଏହିପରି ଉନ୍ମୁକ୍ତ କାଣ୍ଡ ଘଟାଇଛି ବୋଲି ମୃତ ଦମ୍ପତିଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେବ ସୁଦ୍ଧା ପୁଲିସ ହତ୍ୟାରେ ବ୍ୟବହୃତ କୁରାଢ଼ୀ ଜବତ କରିଛି। ଅଜୟକୁ ଗିରଫ କରି ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

# ବାହାଘର ଭୋଜି ଖାଇ ୩ଶହରୁ ଅଧିକ ଅସୁସ୍ଥ

**ବାଙ୍କି୧୮।୨:** କେତେ ଖୁସିରେ ବାହାଘର ଭୋଜି ଖାଇଲେ । ସେଠୁ ଆସିବା ପରେ ଆରମ୍ଭ ହୋଇଗଲା ଝାଡା ବାନ୍ତି ଜ୍ୱର । ଜଣେ କି ଦି ଜଣ ନୁହେଁ ପ୍ରାୟ ୩ଶହରୁ ଅଧିକ ଲୋକ ବାହାଘର ଭୋଜି ଖାଇ ଅସୁସ୍ଥ ହୋଇପଡିଛନ୍ତି । କଟକ ଜିଲ୍ଲା ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ ବୈଦେଶ୍ୱର ପାଟଣା ଗାଁରୁ ଆସିଛି ଅଭାବନୀୟ ଖବର ।

**ମେଡିକାଲରେ ଭର୍ତ୍ତି, ଖାଦ୍ୟ ଅପମିଶ୍ରଣ ସନ୍ଦେହ**



ଖୋର୍ଦ୍ଧା ବୋଲଗଡ ଅଞ୍ଚଳରୁ ଆସିଥିବା ବରଯାତ୍ରୀ ଓ ବାହାଘର ଭୋଜି ପାଇଁ ନିମନ୍ତ୍ରିତ ଅତିଥିଙ୍କୁ ମିଶାଇ ପ୍ରାୟ ହଜାରେ ଜଣଙ୍କ ପାଇଁ ଭୋଜିର ଆୟୋଜନ କରାଯାଇଥିଲା । ବେଶ ହସଖୁସିରେ ସମସ୍ତେ ସାଦିଷ୍ଟ ଭୋଜନ କରିଥିଲେ । ହେଲେ ଏହି ଖାଇବା ଯେ ବିଷ ପାଲଟିଯିବ କେହି ଭାବିନଥିଲେ । ଭୋଜି ଖାଇବାର କିଛି ସମୟ ପରେ ପ୍ରାୟ ସମସ୍ତେ ଅସୁସ୍ଥ ଅନୁଭବ କରିଥିଲେ । ଝାଡା ବାନ୍ତି ହୋଇଥିଲା । ଜ୍ୱର ବି ଆସିଥିଲା ।

୮୦ରୁ ଅଧିକ ଗୁରୁତରଙ୍କୁ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ଭଳି ବିଭିନ୍ନ ସରକାରୀ ଓ ବେସରକାରୀ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ସେପଟେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶରେ ୨ଟି ମେଡିକାଲ ଟିମ୍ ବୈଦେଶ୍ୱରପାଟଣା ଗାଁରେ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି । ସ୍ଥିତି ଗମ୍ଭୀର ଥିବାରୁ ଦରକାର ହେଲେ କଟକ ସଦରମହକୁମାରୁ ମେଡିକାଲ ଟିମ୍ ଗାଁକୁ ପଠାଯିବାକୁ ଯୋଜନା ହେଉଛି । ଖାଦ୍ୟ ଅପମିଶ୍ରଣ ବା କୌଣସି କାରଣରୁ ସଂକ୍ରମଣ ଜନିତ ଖାଦ୍ୟ ବିଷାକ୍ତ ହେବା ଯୋଗୁ ଫୁଡ ପଏଜନିଂ ହୋଇଥିବା କହିଛନ୍ତି ଡାକ୍ତର ।

# ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା !

## • ଆଜି ବିଧାୟକ ଦଳ ବୈଠକ

## • ୨୦ରେ ଶପଥ ଗ୍ରହଣ ଉତ୍ସବ



**ନୂଆଦିଲ୍ଲୀ, ୧୮।୨:** ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବର ସମୟ ପରିବର୍ତ୍ତନ କରାଯାଇଛି। ଫେବ୍ରୁଆରି ୨୦ ତାରିଖ ପୂର୍ବାହ୍ନ ୧୧ଟାରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଏହି ସୂଚନା ମିଳିଛି। ପୂର୍ବରୁ ଅପରାହ୍ନ ସାଢ଼େ ୪ଟାରେ ଶପଥ ଗ୍ରହଣ ହେବାର ଥିଲା। କିଛିଦିନ ପୂର୍ବେ ସୂଚନା ମିଳିଥିଲା ଯେ ୧୮ ତାରିଖରେ ଶପଥ ହେବ । କିନ୍ତୁ ପରେ ତାହାକୁ ୨୦ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା । ଏବେ ଶପଥ ସମୟରେ ପରିବର୍ତ୍ତନ କରାଯାଇଛି ।

ଏହା ପୂର୍ବରୁ ଫେବ୍ରୁଆରି ୧୯ ତାରିଖ ଅପରାହ୍ନ ସାଢ଼େ ୩ଟାରେ ବିଜେପି ବିଧାୟକ ଦଳର ବୈଠକ ବସିବ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଚେହେରା ଚୟନ କରାଯିବ। ସୂଚନାଯୋଗ୍ୟ, ଫେବ୍ରୁଆରି ୮ ତାରିଖରେ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିବାର ଇତିମଧ୍ୟରେ ୧୦ ଦିନ ବିତିଯିବା ପରେ ମଧ୍ୟ ଦଳ ମୁଖ୍ୟମନ୍ତ୍ରୀ ଘୋଷଣା କରିନାହିଁ। ଏହାକୁ ନେଇ ଆପ୍ ପକ୍ଷରୁ ବିଜେପିକୁ ଟାର୍ଗେଟ୍ କରାଯାଇଛି ।

ଆପ୍ ର ଦିଲ୍ଲୀ ରାଜ୍ୟ ଆବାହକ ଗୋପାଳ ରାୟ କହିଛନ୍ତି ଯେ ଭାରତର ଇତିହାସରେ ପ୍ରଥମ ଥର ପାଇଁ ଏପରି ହେଉଛି ଯେ ବିବାହ ଶୋଭାଯାତ୍ରା ପ୍ରସ୍ତୁତ ଅଛି, ମଣ୍ଡପ ମଧ୍ୟ ପ୍ରସ୍ତୁତ ଅଛି, କିନ୍ତୁ ବର କିଏ ହେବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ ।

## ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ପରଲୋକ

**ଫୁଲବାଣୀ,୧୮।୨:** ଫୁଲବାଣୀର ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ଗତ କିଛି ଦିନ ଧରି ଅସୁସ୍ଥ ହୋଇ ବ୍ରହ୍ମପୁର ଠାରେ ଚିକିତ୍ସିତ ହେଉଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ଦୁଇ ଦିନ ତଳେ ତାଙ୍କୁ ଭୁବନେଶ୍ୱର ଏମସରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଡ. ମିନତୀ ପାଣିଗ୍ରାହୀ, ବଡପୁଅ ସ୍ନିଗ୍ଧ ଅଭିଳାଷ ଓ ଝିଅ ଶୀତଲ ପୂର୍ଣ୍ଣିମା ଉପସ୍ଥିତ ଥିଲେ। ସ୍ୱର୍ଗତ ନାୟକ କଂଗ୍ରେସ ଦଳର ବରିଷ୍ଠ ନେତା ଥିଲେ। ସେ ୧୯୮୦,୧୯୯୧ ଓ ୧୯୯୬ରେ କଂଗ୍ରେସ ଦଳ ଟିକଟରେ ଫୁଲବାଣୀ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଏଥିସହ ସେ ଜାତୀୟ ଅନୁସୂଚିତ ଜାତି କମିଶନ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ୧୯୫୨ ମସିହା ଜୁଲାଇ ୧ ତାରିଖରେ ମୃତ୍ୟୁଞ୍ଜୟ ଜନ୍ମଗ୍ରହଣ କରିଥିଲେ।

# ଆରମ୍ଭ ହେଲା +୨ ପରୀକ୍ଷା



**ଭୁବନେଶ୍ୱର, ୧୮।୨:** ଆଜିଠୁ ଆରମ୍ଭ ହୋଇଛି ଯୁକ୍ତ ଦୁଇ ପରୀକ୍ଷା । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ଥିଓରି ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେଉଛି । ପ୍ରଥମ ଦିନ ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କ ମାତୃଭାଷା (ଓଡ଼ିଆ) ବିଷୟର ପରୀକ୍ଷା ଥିବା ବେଳେ ବୁଧବାରଠାରୁ କଳା ଓ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ପରୀକ୍ଷା ମାତୃଭାଷା (ଓଡ଼ିଆ) ବିଷୟରୁ ଆରମ୍ଭ ହୋଇଛି।

ଚଳିତ ବର୍ଷ ଯୁକ୍ତ୨ରେ ୩ ଲକ୍ଷ ୯୩ହଜାର ୬୧୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧, ବିଜ୍ଞାନରେ ୧ଲକ୍ଷ ୧୪ ହଜାର ୯୮୦, ବାଣିଜ୍ୟରେ ୨୫ ହଜାର ୫୨୬, ଧନ୍ଦାମୂଳକରେ ୫ ହଜାର ୭୨୧ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ୧୨୬୭ଟି କେନ୍ଦ୍ର ହୋଇଛି। ପରୀକ୍ଷାର ସୁପରିଚାଳନା ପାଇଁ ୨୦୫ଟି ହବ୍ କରାଯାଇଛି।

ସକାଳ ୮ଟା ୩୦ ସୁଦ୍ଧା ସମସ୍ତ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଂଚିଛି । ପୂର୍ବାହ୍ନ ୧୦ଟାରେ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ୯ଟା ୩୦ ସୁଦ୍ଧା ଛାତ୍ରଛାତ୍ରୀ କେନ୍ଦ୍ରରେ ପ୍ରବେଶ କରିଛନ୍ତି । ୯ଟା ୫୦ରେ ପରୀକ୍ଷାର୍ଥୀଙ୍କୁ ଉତ୍ତର ଖାତା ଏବଂ ୯ଟା ୫୫ରେ ପ୍ରଶ୍ନପତ୍ର ଦିଆଯାଇଥିଲା । ପରୀକ୍ଷାରେ ସ୍ୱଚ୍ଛତା ରଖିବାକୁ ପାଂଚ ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ପ୍ରଥମ ଥର ପାଇଁ ଏଥର ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ଗଠନ ହୋଇଛି।

## ଧାନ କିଣାରେ ଅନିୟମିତତା ପାଇଁ ୨ ବହିଷ୍କାର

**ଭୁବନେଶ୍ୱର, ୧୮।୧:** ଧାନ କିଣାରେ ଅନିୟମିତତା ଓ ଅବହେଳା ପାଇଁ ଦୁଇ ଜଣ ସମବାୟ ସମିତି କର୍ମଚାରୀ ଏବଂ ଜଣେ ନିୟନ୍ତ୍ରିତ ବଜାର କମିଟିର ସଦସ୍ୟଙ୍କୁ ବହିଷ୍କାର କରାଯାଇଛି । ୫ଜଣ ସମବାୟ ସମିତି କର୍ମଚାରୀ ଜଣେ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି । ୬ଜଣ ସମବାୟ ସମିତିର ଧାନ କ୍ରୟ ଅଧିକାରୀଙ୍କୁ ଧାନ କିଣା ପ୍ରକ୍ରିୟାରୁ ଅବ୍ୟାହତି ଦିଆଯାଇଛି । ଜଣେ ମାର୍କେଟିଂ ଇନିସପ୍ଟରଙ୍କୁ ନିଲମ୍ବନ କରାଯାଇଛି, ଆଉ ଜଣେ ସପ୍ଲାଇ ଇନ୍‌ସପେକ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ୯ ଗୋଟି ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ୮ ଗୋଟି ଧାନ ବୋଝେଇ ଗାଡିକୁ ଜବତ୍ କରାଯାଇଛି। ଯୋଗାଣ ମନ୍ତ୍ରୀଙ୍କ ବ୍ୟକ୍ତିଗତ ରାଜନୈତିକ ସଚିବ ଜୀବନ ଜ୍ୟୋତି ଗଡ଼ନାୟକଙ୍କ ନାଁରେ ବିଧାୟକ ତାରାପ୍ରସାଦ ବାହିନୀପତି ଅଭିଯୋଗ ଆଣିଥିଲେ । ମନ୍ତ୍ରୀଙ୍କ ନାଁ ରେ ସେ ଟଙ୍କା କଲେକ୍ସନ କରୁଛନ୍ତି ।

# ଶ୍ରୀମନ୍ଦିରରେ ପ୍ରବେଶ କଲେ ଅଣ ହିନ୍ଦୁ !



**ପୁରୀ, ୧୮।୨:** ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ଉଠିଛି ପ୍ରଶ୍ନ। ସବୁ ସୁରକ୍ଷାକୁ ଭେଦ କରି ଶ୍ରୀମନ୍ଦିର ଭିତରକୁ ଜଣେ ଅଣହିନ୍ଦୁ ପ୍ରବେଶ କରିଥିବା ଦେଖିବାକୁ ମିଳିଛି। ଦକ୍ଷିଣଦ୍ୱାର ପଟେ ଅଣହିନ୍ଦୁ ଜଣକ ଶ୍ରୀମନ୍ଦିର ଭିତରୁ ବାହାରୁଥିବାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ତେବେ ସମ୍ପୃକ୍ତ ଅଣହିନ୍ଦୁ ଜଣଙ୍କ କେଉଁ ଦେଶର ତାହା ସ୍ପଷ୍ଟ ହୋଇନାହିଁ। ଅଣହିନ୍ଦୁ ଜଣକ ଇସ୍କନ ଭକ୍ତ ହୋଇଥିବା ସନ୍ଦେହ ପ୍ରକଟ କରାଯାଉଛି। ଶ୍ରୀମନ୍ଦିର ଭିତରେ ଜଣେ ସେବାୟତ ତାଙ୍କୁ ଅଟକାଇ ପଚରାଉଚରା କରିଥିଲେ। ତେବେ ଅଣହିନ୍ଦୁଙ୍କ ଜଣକ ବିଦେଶୀ ବୋଲି ଶ୍ରୀମନ୍ଦିର ପ୍ରଶାସନ କୁ ଜଣାଇଥିଲେ ସେବାୟତ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ବିଦେଶୀ ଭକ୍ତଙ୍କୁ ପଚରାଉଚରା ବଦଳରେ ଛାଡି ଦେଇଥିବା ଦେଖିବାକୁ ମିଳିଛି। ଏନେଇ ପୋଲିସ ପାଖରେ କୌଣସି ସୂଚନା ନଥିବା ବେଳେ ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

**ସୁରକ୍ଷାକୁ ନେଇ ପୁଣି ଉଠିଲା ପ୍ରଶ୍ନ**

# ପଶ୍ଚିମାଝଡ଼ ପ୍ରଭାବରେ ଆଜିଠୁ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୮।୨:** ତାତିରୁ ମିଳିବ ସାମାନ୍ୟ ଆଶ୍ୱସ୍ତି । ପଶ୍ଚିମାଝଡ ପ୍ରଭାବରେ ଭିଜିବ ଉତ୍ତର ଆଭ୍ୟନ୍ତରୀଣ ଓଡିଶା । ୧୯ ରୁ ୨୨ ତାରିଖ ଘଡଘଡି ସହ ବର୍ଷା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଘଡଘଡି ବିଜୁଳି ସହ ଝଡ ବର୍ଷା ନେଇ କାଲି ପାଇଁ ୬ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର । ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଯାଜପୁର ଜିଲ୍ଲାକୁ ସତର୍କତା ଜାରି କରାଯାଇଛି ।

ଭୁବନେଶ୍ୱର, ୧୮।୨: ବଦଳିବ ପାଣିପାଗ। ଆସନ୍ତାକାଲି ଠାରୁ ରାଜ୍ୟର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଆଞ୍ଚଳିକ ପାଣିପାଗ ଅନୁଯାୟୀ, ୧୯ ତାରିଖରେ କଟକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୦ ତାରିଖରେ କଟକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପ ଭଦ୍ରକ, କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପଟେ, ତାତି ଆକଳନ କରି ଆଗୁଆ ସତର୍କ କରାଇଲା ଉଚ୍ଚ ଶିକ୍ଷା ବିଭାଗ । ସମସ୍ତ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କୁ ବିଭାଗ ପକ୍ଷରୁ ଚିଠି ଜାରି ହୋଇଛି। କିପରି ହିଟୱେଭକୁ ସାମ୍ନା କରିବେ ସେନେଇ ସୂଚନା ଜାରି ହୋଇଛି। ପାଠପଢ଼ା ଓ ପରୀକ୍ଷା ଆଦିକୁ ସକାଳୁଆ କରିବାକୁ ପରାମର୍ଶ ଦିଆଯାଇଛି । ଅପରାହ୍ନରେ ଆଉଟଡୋର କାର୍ଯ୍ୟକଳାପ ପାଇଁ ବାରଣ କରାଯାଇଛି। ପିଇବା ପାଣି, ଓଆରଏସ ଆଦି ମହଜୁଦ ରଖିବାକୁ ଚିଠିଲେ ଉଲ୍ଲେଖ ଲେଖାଯାଇଛି।

**୩ ଦିନ ବରଷିବ**

**ବିଜୁଳି-ଘଡ଼ଘଡ଼ି ପାଇଁ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**



# ହ୍ୟାଲୋ ବଲିଉଡ୍



## କାର୍ତ୍ତିକଙ୍କ ବିପକ୍ଷରେ ଶ୍ରୀଲୀଲା

ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ 'ଭୁଲ ଭୁଲେୟା ୩' ଫିଲ୍ମ ବକ୍ସ ଅଫିସ୍‌ରେ ଧମାଲ ମଚାଇବା ପରେ ଏବେ ତାଙ୍କ ପରବର୍ତ୍ତୀ ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନୁରାଗ ବାସୁଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏକ ଚଳଚ୍ଚିତ୍ରରେ କାର୍ତ୍ତିକ ନଜରକୁ ଆସିବେ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ଏହି ଫିଲ୍ମର ଟାଇଟଲ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇ ନ ଥିଲେ ହେଁ ଏଥିରେ କାର୍ତ୍ତିକଙ୍କ ବିପକ୍ଷରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଶ୍ରୀଲୀଲା ନଜରକୁ ଆସିବେ। ରବିବାର ଏହି ଅନ୍‌ଟାଇଟଲ୍ଡ ଫିଲ୍ମର ଟିଜରକୁ ଜାରି କରାଯାଇଛି। କାର୍ତ୍ତିକ ଏହି ଟିଜରରେ ଏକ ଭିନ୍ନ ଶୈଳୀରେ ନଜରକୁ ଆସିଛନ୍ତି। ତାଙ୍କର ଗେଟ୍‌ଅପ ଏବଂ ରୋମାଣ୍ଟିକ ଅନ୍ଦାଜକୁ ଦେଖିଲେ ଏହି ଚଳଚ୍ଚିତ୍ରଟି ଏକ ବଡ଼ ଫ୍ରାଞ୍ଚାଇଜର ପରବର୍ତ୍ତୀ ସିକେଲ ହୋଇପାରେ ବୋଲି ସିନେପ୍ରେମୀମାନେ ଅନୁମାନ କରୁଛନ୍ତି। ଟିଜରରେ କାର୍ତ୍ତିକଙ୍କ ବଡ଼ କେଶ ଏବଂ ଦାଢ଼ି ଥିବା ସହ ତାଙ୍କୁ ଏକ ମଞ୍ଚରେ ରକଷ୍ଟାର ପରି ଅଭିନୟ କରୁଥିବାର ଦେଖିବାକୁ ମିଳୁଛି। ସେହିପରି ଏହି ଟିଜରରେ ଶ୍ରୀଲୀଲାଙ୍କ ସହ କାର୍ତ୍ତିକ ରୋମାନ୍ସ ମଧ୍ୟ କରୁଛନ୍ତି। ଟିଜରର ଝଲକରୁ ଏହା ଚଳଚ୍ଚିତ୍ର 'ଆଶିକୀ ୩' ହୋଇଥିବା ନେଇ ଅନେକ ପ୍ରଶଂସକ ଅନୁମାନ କରିଛନ୍ତି।

# ଜ୍ଞାନେଶ କୁମାରଙ୍କ ନିଯୁକ୍ତିରେ ପରିବାର ଖୁସି

**ନୂଆଦିଲ୍ଲୀ:** ବରିଷ୍ଠ ପ୍ରଶାସନିକ ଅଧିକାରୀ ଜ୍ଞାନେଶ କୁମାର ଦେଶର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତ ହୋଇଛନ୍ତି। ସେ ବର୍ତ୍ତମାନ ସିଇସି ଥିବା

### ପରିବାରର ସମସ୍ତେ ଉଚ୍ଚପଦାଧିକାରୀ

ରାଜୀବ କୁମାରଙ୍କ ସ୍ଥାନ ନେବେ। ସିଇସି ଚୟନ ସମ୍ପର୍କିତ କମିଟିର ସୁପାରିଶକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇସାରିଛି।

୧୯୮୮ ବ୍ୟାଚ୍‌ର କେରଳ କ୍ୟାଡ଼ର ଆଇଏଏସ୍ ଅଫିସର ଜ୍ଞାନେଶ କୁମାର ଗୁପ୍ତାଙ୍କ ଜନ୍ମ ସ୍ଥାନ ହେଉଛି ଆଗ୍ରା। ତାଙ୍କ ବାପା ଡ.ସୁବୋଧ କୁମାର ଗୁପ୍ତା ଏବଂ ମାଆ ସତ୍ୟବତୀ ଗୁପ୍ତା ବିଜୟ ନଗର କଲୋନୀରେ ବାସ କରୁଛନ୍ତି। ବାପା ମୁଖ୍ୟ ଚିକିତ୍ସା ଅଧିକାରୀ ପଦରୁ ଅବସର ନେଇଥିଲେ। ଜ୍ଞାନେଶ କୁମାରଙ୍କ ପରିବାରରେ ଅଧିକାଂଶ ମେଡିକାଲରେ ନିଜ କ୍ୟାରିୟର କରିଥିବା ବେଳେ ସେ ଏଥିରୁ ଅଲଗା ରାସ୍ତା



ବାଛିଥିଲେ।

ଜ୍ଞାନେଶ କୁମାର ଗୁପ୍ତା ପିଲାଦିନରୁ ପ୍ରତିଭାବାନ ଥିଲେ। ବାରାଣସୀର କ୍ୱିନ୍ସ କଲେଜରେ ସେ ଟପର୍ ରହିଥିଲେ। ଲୌକ୍ଷ୍ମର କାଲଭିନ୍ ତାଲୁକେଦାର କଲେଜରେ ଦ୍ୱାଦଶ ସେ ଟପ୍ କରିଥିଲେ। ଏହାପରେ ସେ ଆଇଆଇଟି କାନପୁରରୁ ସିଭିଲ୍ ଇଞ୍ଜିନିୟରିଂରେ ବିଟେକ୍ କରିଥିଲେ। ପରେ ସେ ସିଭିଲ୍ ସେବା ପରୀକ୍ଷା ପ୍ରସ୍ତୁତି କରିବା ପାଇଁ ଦିଲ୍ଲୀ ଯାଇଥିଲେ। ସେଠାରେ ସେ ଗୋଟିଏ ବର୍ଷ ପାଇଁ ହୁଡକୋରେ କାମ କରିଥିଲେ। ୧୯୮୮ରେ ସେ ସିଭିଲ୍ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କେରଳ କ୍ୟାଡ୍‌ରର ଆଇଏଏସ୍ ଅଧିକାରୀ ହୋଇଥିଲେ। ପ୍ରଥମ ନିଯୁକ୍ତି ଥିରୁଅନନ୍ତପୁରମରେ ଡିଏମ୍ ଭାବେ ହୋଇଥିଲା। ସେ ହାର୍ଭର୍ଡ ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକୋତ୍ତର କରିଥିଲେ। ୟୁପିଏ ସରକାର ସମୟରେ ୨୦୦୭ରୁ ୨୦୧୨ ଯାଏ ସେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ରେ ସେ କେରଳ ସରକାରଙ୍କ ଦିଲ୍ଲୀ ରେସିଡେଣ୍ଟ କମିଶନର ଥିଲେ।

ଜ୍ଞାନେଶ କୁମାରଙ୍କ ପରିବାରର ୨୮ ଜଣ ଡାକ୍ତର ଅଛନ୍ତି। ମାଆ ସତ୍ୟବତୀ ଯୋଗ ପ୍ରଶିକ୍ଷକ ଅଛନ୍ତି। ଜ୍ଞାନେଶ କୁମାରଙ୍କ ବଡ଼ ଝିଅ ମେଧା ରୂପମ ବର୍ତ୍ତମାନ କାସଗଞ୍ଜ ଜିଲ୍ଲାର ଜିଲ୍ଲାଧିକାରୀ ଅଛନ୍ତି। ତାଙ୍କ ସ୍ୱାମୀ ମନୀଷ ବଂଶଲ ମଧ୍ୟ ଆଇଏଏସ୍ ଏବଂ ଦୁହେଁ ୨୦୧୪ ବ୍ୟାଚ୍‌ର ଆଇଏଏସ୍। ଜ୍ଞାନେଶଙ୍କ ଦ୍ୱିତୀୟ ଝିଅ ଅଭିଶ୍ରୀ ଆଇଆରଏସ୍ ଅଧିକାରୀ ଏବଂ ତାଙ୍କ ସ୍ୱାମୀ ଅକ୍ଷୟ ଲାବ୍ରୁ ଆଇଏଏସ୍ ଅଫିସର। ପୁଅ ଅରନବଙ୍କ ପାଠ ପଢ଼ା ଚାଲିଛି। ନୂଆ ସିଇସିଙ୍କ ଭାଇ ମନୀଷକୁମାର ଆଇଆରଏସ୍ ଅଧିକାରୀ ଏବଂ ତାଙ୍କ ଭଉଣୀ ରୋଲି ଇନ୍ଦୋରରେ ସ୍କୁଲ ଚଳାଉଥିବା ବେଳେ ଭିଣୋଇ ଉପେନ୍ଦ୍ର ଜୈନ ଜଣେ ଆଇପିଏସ୍ ଅଧିକାରୀ।

# କଳାହାଣ୍ଡିରୁ ୧୯୨ ତୀର୍ଥଯାତ୍ରୀ ରାୟଗଡା କୋଲକାତା କାମାକ୍ଷୀ ଅଭିମୁଖେ ଯାତ୍ରା

**ଭବାନୀପାଟଣା:** ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି କଳାହାଣ୍ଡି ଜିଲାରୁ ୫ ଗୋଟି ସ୍ୱତନ୍ତ୍ର ବସ ଯୋଗେ ୧୯୨ ଜଣ ବରିଷ୍ଠ ନାଗରିକ ରାୟଗଡା କୋଲକାତା କାମାକ୍ଷୀ ଅଭିମୁଖେ ଯାତ୍ରା କରିଛନ୍ତି। ଆଜି ରାୟଗଡାରେ ସମସ୍ତ ତୀର୍ଥଯାତ୍ରୀ ରାତ୍ରି ଯାପନ କରି ଆସନ୍ତା କାଲି ସ୍ୱତନ୍ତ୍ର ଟ୍ରେନ ଯୋଗେ କୋଲକାତା କାମାକ୍ଷୀ ଯାତ୍ରା କରି ଆସନ୍ତା ଫେବୃଆରୀ ୨୩ ତାରିଖରେ ଫେରିବେ।

ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ , ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଯୋଗଦେଇ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ। ସମସ୍ତ ତୀର୍ଥଯାତ୍ରୀ ଏପଟେ ସେପଟେ ନ ହୋଇ ସାଙ୍ଗରେ ରହି ନିଜର ସୁବିଧା ଅସୁବିଧା ସାଙ୍ଗରେ ଯାଇଥିବା ଏସ୍କର୍ଟ ଅଧିକାରୀଙ୍କୁ ଜଣାଇ କିପରି ସୁରକ୍ଷିତ ଭାବରେ ତୀର୍ଥଯାତ୍ରା ଭ୍ରମଣ ସାରି ନିଜ ନିଜ ଘରକୁ ଫେରିବେ ସେ ସମ୍ପର୍କରେ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲାର ୧୯୨ ଜଣ ବରିଷ୍ଠ ତୀର୍ଥ ଯାତ୍ରୀ ଭଲରେ ତୀର୍ଥ ଯାତ୍ରା ସାରି କେମିତି ଭଲରେ ଫେରିଆସିବେ ସେଥି ପାଇଁ ଜିଲ୍ଲାପାଳ ସମସ୍ତ ଙ୍କର ଶୁଭ କାମନା କରିଥିଲେ।

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ବସରେ ଯାତ୍ରୀଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ତାଙ୍କୁ ଭଲରେ ନେଇ ଆଣିବା ପାଇଁ ୬ ଜଣ ଏସ୍କର୍ଟ ଅଧିକାରୀଙ୍କୁ ସାଙ୍ଗରେ ପଠାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ବନ୍ଦୋବସ୍ତ କଳାହାଣ୍ଡି, ଅଗସ୍ତି ପ୍ରଧାନ, ଡେପୁଟି କଲେକ୍ଟର ବନମାଳୀ ମେହେର, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ,ଡେପୁଟି ସି ଓ, ଓ ର ମାସ, ଜର୍ଜ୍ କେରକେଟା, ପ୍ରମୂଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦାନରେ ରେକର୍ଡ ଭାଙ୍ଗିଲା ଅଯୋଧ୍ୟା ରାମମନ୍ଦିର

**ଅଯୋଧ୍ୟା:** ପ୍ରୟାଗରାଜ ମହାକୁମ୍ଭକୁ ଆଗମନ ସହିତ ଅଯୋଧ୍ୟାସ୍ଥିତ ରାମ ମନ୍ଦିର ଶ୍ରଦ୍ଧାଳୁଙ୍କ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳରେ ପରିଣତ ହୋଇଛି। ଏବେ ମନ୍ଦିର

- **ବାର୍ଷିକ ଆୟ ୭୦୦ କୋଟିରୁ ଅଧିକ**
- **ତିରୁପତି ମନ୍ଦିର ସବୁଠୁ ଆଗରେ**



ଦାନ ଅର୍ଜନ କରିବାରେ ମଧ୍ୟ ରେକର୍ଡ କରିଛି। ଗତ କିଛିମାସ ହେଲା ଅଯୋଧ୍ୟାକୁ ଶ୍ରଦ୍ଧାଳୁଙ୍କ ଆଗମନ ଢେର ବଢିଛି। ବିଶେଷ କରି ରାମ ମନ୍ଦିରରେ ଭଗବାନ ରାମଙ୍କ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତଙ୍କ ସଂଖ୍ୟାରେ ଆଶ୍ଚର୍ଯ୍ୟଜନକ ବୃଦ୍ଧି ଦେଖାଯାଇଛି। ଏହି ବୃଦ୍ଧି ନା କେବଳ ଭକ୍ତଙ୍କ ସଂଖ୍ୟାରେ ରାମ ମନ୍ଦିର ଆୟରେ ମଧ୍ୟ ବୃଦ୍ଧି କରିଛି।

ଅଯୋଧ୍ୟା ଶ୍ରୀରାମ ମନ୍ଦିର ଏବେ ଦେଶର ସବୁଠୁ ଅଧିକ ଆୟ କରୁଥିବା ମନ୍ଦିରମାନଙ୍କ ସୂଚୀର ୩ ନମ୍ବର ସ୍ଥାନକୁ ପହଞ୍ଚିଛି। ଗତ ୨୨ଜାନୁୟାରୀ୨୦୨୪ରେ ରାମମନ୍ଦିରର ପ୍ରାଣ ପ୍ରତିଷ୍ଠା ପରଠାରୁ ମନ୍ଦିରକୁ ଦର୍ଶନ ନିମନ୍ତେ ପହଞ୍ଚୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ଏହି ସମୟରେ ମନ୍ଦିରର ବାର୍ଷିକ ଆୟ ୭୦୦ କୋଟି ଟଙ୍କାରୁ ମଧ୍ୟ ଅଧିକ ହୋଇଛି। ଆୟର ଏହି ତଥ୍ୟରୁ ଏହା ସ୍ପଷ୍ଟ ଜଣାପଡୁଛି ଯେ ଆଯୋଧ୍ୟା ରାମ ମନ୍ଦିର ଦାନ ଆୟରେ ଅମୃତସରର ସ୍ୱର୍ଣ୍ଣମନ୍ଦିର, ବୈଷ୍ଣୋଦେବୀ ଓ ସିରିଡି ସାଇବାବା ମନ୍ଦିରଠାରୁ ମଧ୍ୟ ଆଗକୁ ବଢି ଯାଇଛି।

ମିଳୁଥିବା ଏହି ତଥ୍ୟ ଜାନୁୟାରୀ ୨୦୨୪ରୁ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ ବର୍ଷକର। ଏହି ସମୟରେ ୧୩ କୋଟିରୁ ଅଧିକ ଭକ୍ତ ଅଯୋଧ୍ୟା ଆସି ଶ୍ରୀରାମଙ୍କୁ ଦର୍ଶନ କରିଛନ୍ତି। ରାମ ମନ୍ଦିରକୁ ଦୈନିକ ପାଖାପାଖି ୪ଲକ୍ଷ ଶ୍ରଦ୍ଧାଳୁ ଦର୍ଶନ ନିମନ୍ତେ ପହଞ୍ଚୁଛନ୍ତି। ଏଣୁ ମନ୍ଦିରକୁ ମିଳୁଥିବା ଦାନ ମଧ୍ୟ ସେହି ଅନୁସାରେ ବୃଦ୍ଧିହେବାରେ ଲାଗିଛି। ମନ୍ଦିର ଟ୍ରଷ୍ଟ ଅନୁସାରେ ରାମ ମନ୍ଦିରର ୧୦ଟି କାଉଣ୍ଟରରେ ଦୈନିକ ୧୦ଲକ୍ଷ ଟଙ୍କାରୁ ଅଧିକ ଦାନ ସଂଗୃହୀତ ହେଉଛି। ରାମଲଲାଙ୍କ ସମ୍ମୁଖରେ ରଖାଯାଇଥିବା ଦାନ ପାତ୍ରରେ ମଧ୍ୟ ମୋଟା ରକମର ରାଶି ଜମା ହେଉଛି।

କୁମ୍ଭମେଳା ଆରମ୍ଭ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ୧୩ କୋଟି ଟଙ୍କାର ଦାନ ଏକତ୍ର ହୋଇ ପାରିଛି। ଯଦି ଏଇଭଳି ଭାବେ ରାମ ମନ୍ଦିରକୁ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢେ ଦାନର ପରିମାଣ ମଧ୍ୟ ବଢିବଢି ଚାଲିବ ବୋଲି ଆକଳନ କରାଯାଉଛି। ଅଯୋଧ୍ୟା ଶ୍ରୀରାମ ମନ୍ଦିର ଆୟ ମାମଲାରେ ଦେଶର ପ୍ରମୁଖ ମନ୍ଦିରମାନଙ୍କୁ ପଛରେ ପକାଇ ଦେଇଛି। ସବୁଠୁ ଅଧିକ ଆୟକରୁଥିବା ମନ୍ଦିର ମଧ୍ୟରେ ଆନ୍ଧ୍ରପ୍ରଦେଶରେ ଥିବା ତିରୁପତି ଭେଙ୍କଟେଶ୍ୱର ମନ୍ଦିର ବାର୍ଷିକ ୧୫ଶହରୁ ୧୬୫୦କୋଟି ଟଙ୍କା ଆୟ କରୁଛି। ଏହା ପଛକୁ କେରଳର ପଦ୍ମନାଭ ସ୍ୱାମୀ ମନ୍ଦିର ବାର୍ଷିକ ୭୫୦ରୁ ୮୦୦ କୋଟି ଟଙ୍କା ଆୟ କରୁଛି।

ଅମୃତସର ସ୍ୱର୍ଣ୍ଣମନ୍ଦିରର ଆୟ ୬୫୦କୋଟି ଟଙ୍କା ହୋଇଥିବା ବେଳେ ବୈଷ୍ଣୋଦେବୀ ମନ୍ଦିରର ଆୟ ୬୦୦ କୋଟି ଓ ଶିରିଡି ସାଇ ମନ୍ଦିରର ଆୟ ୫୦୦ କୋଟି ଟଙ୍କା। ଏହି ତଥ୍ୟ ଆଧାରରେ ଦେଖିଲେ ଅଯୋଧ ରାମ ମନ୍ଦିରର ବଢୁଥିବା ଆୟରୁ ମନ୍ଦିର ଉପରେ ଭକ୍ତଙ୍କ ଆସ୍ଥା ଓ ଦାନ ଉଭୟ ବଢିବାରେ ଲାଗିଛି।

# ଯୁଦ୍ଧ ବନ୍ଦ ପାଇଁ କଥାବର୍ତ୍ତା ହେବାକୁ ପ୍ରସ୍ତୁତ ହେଲା ଋଷ

### ସାଉଦି ଆରବରେ ବହୁ ଜଲଦି ବସିବ ବୈଠକ

**ନୂଆଦିଲ୍ଲୀ:** ୟୁକ୍ରେନ ଓ ଋଷ ମଧ୍ୟରେ ଦୀର୍ଘଦିନରୁ ଚାଲିଆସୁଥିବା ଯୁଦ୍ଧର ଅନ୍ତ ହେବା ଉପରେ ଆଶା ପ୍ରକଟ କରାଯାଉଛି। ଏନେଇ କଥାବର୍ତ୍ତା ହେବାପାଇଁ ଋଷ ପ୍ରସ୍ତୁତ ଅଛି। ଖବର ମୁତାବକ ଋଷିଆର ବରିଷ୍ଠ ଅଧିକାରୀ ଓ ଆମେରିକା ମଧ୍ୟରେ ମଙ୍ଗଳବାର ସାଉଦି ଆରବରେ ଏକ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ୟୁକ୍ରେନ ଯୁଦ୍ଧ ଉପରେ ଉଭୟ ପକ୍ଷ ଆଲୋଚନା କରିବାକୁ ଯାଉଛନ୍ତି ବୋଲି ସୂଚନା ମିଳିଛି।

ଋଷୀୟ ବିଦେଶ ମନ୍ତ୍ରୀ ସର୍ଗେଇ ଲାବରୋବ ଓ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବୈଦେଶିକ ପରାମର୍ଶଦାତା ୟୁରି ଉସାକୋଭ ସୋମବାର ସାଉଦି ଆରବର ରାଜଧାନୀ ରିୟାଦ ଗସ୍ତ କରିଛନ୍ତି ବୋଲି ଋଷୀୟ ପ୍ରବକ୍ତା ଦିମିତ୍ରୀ ପେସ୍କୋଭ ଘୋଷଣା କରିଛନ୍ତି। ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା କଥାବର୍ତ୍ତା ଉପରେ ଏହି ବୈଠକରେ ଆଲୋଚନା ହେବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।



ଋଷ-ଆମେରିକା ମଧ୍ୟରେ ଥିବା ସମ୍ବନ୍ଧକୁ ସୁଦୃଢ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପାସ୍କୋଭ ସୂଚନା ପ୍ରଦାନ କରିଛନ୍ତି। ଏହା ସହ ୟୁକ୍ରେନ ସଂକଟ ସମାଧାନ ଉପରେ ଦୁଇ ରାଷ୍ଟ୍ରପତିଙ୍କ ସଂଭାବିତ ବୈଠକକୁ ନେଇ ବିଚାର ବିମର୍ସ ମଧ୍ୟ କରାଯିବ। ଏହା ପୂର୍ବରୁ ଡୋନାଲ୍ଡ ଟ୍ରମ୍ପଙ୍କ ବିସେଷ ଦୂତ ଷ୍ଟିଭ ବିଟକଫ ଫକ୍ସ ନ୍ୟୁଜକୁ ସାକ୍ଷାତକାର ଦେଇ ସେ ଓ ରାଷ୍ଟ୍ରିୟ ସୁରକ୍ଷା ପରାମର୍ଶଦାତା ମାଇକ ବାଲ୍ଟଜ ୟୁକ୍ରେନ ସମ୍ପର୍କରେ କଥାବର୍ତ୍ତା କରିବାକୁ ସାଉଦି ଆରବ ଯାଉଛନ୍ତି ବୋଲି ସୂଚନା ପ୍ରଦାନ କରିଛନ୍ତି।

ତେବେ ଆମେରିକୀୟ ବିଦେଶ ମନ୍ତ୍ରୀ ମାର୍କ ରୁବିୟ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ସହ ସାଉଦି ଆରବ ଯାଉଛନ୍ତି। ସେ ଋଷିୟ ଅଧିକାରିମାନଙ୍କ ସହ ସିଧାସଳଖ କଥା ହେବେ। ଏହି ବୈଠକରେ ଋଷ-ୟୁକ୍ରେନ ଯୁଦ୍ଧକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ରହଛି। ତେବେ ବୈଠକ ପୁରା ହେବା ପରେ ପୁରା ଚିତ୍ର ସାମ୍ନାକୁ ଆସିବ ବୋଲି ଆଶା ରହିଛି।

# ପିକ୍-ଅପ୍ ଭ୍ୟାନକୁ ଧକ୍କା ଦେଲା ଟମ୍ପର, ୫ ମୃତ

**ଭୋପାଲ:** ମଧ୍ୟପ୍ରଦେଶରେ ମର୍ମନ୍ତୁଦ ଦୁର୍ଘଟଣା । ଏକ ଡମ୍ପର ସହିତ ପିକ୍-ଅପ୍ ଭ୍ୟାନ୍ ଧକ୍କା ହୋଇଛି । ଏଥିରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଡଜନେରୁ




ଅଧିକ ଆହତ ହୋଇଛନ୍ତି । ଗୁରୁତରଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମଧ୍ୟପ୍ରଦେଶର ଭିଣ୍ଡ୍ ଜିଲ୍ଲାରେ ଏହି ଭୀଷଣ ଦୁର୍ଘଟଣା ହୋଇଛି । ପ୍ରାଥମିକ ସୂଚନା ମୁତାବକ, ଏହି ଭୟଙ୍କର ଦୁର୍ଘଟଣା ମଙ୍ଗଳବାର ଭୋର ୫ଟା ସମୟରେ ହୋଇଛି । ଜବାରପୁରା ଗାଁ ନିକଟସ୍ଥ ଜାତୀୟ ରାଜପଥରେ ହୋଇଛି । ଦ୍ରୁତଗତିରେ ଆସୁଥିବା ଟମ୍ପର ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ପିକ୍-ଅପ୍ ଭ୍ୟାନକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଭଙ୍କର ଥିଲା ଯେ ଏଥିରେ ୫ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ୧୨ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ପିକ୍-ଅପ୍ ଭ୍ୟାନରେ ଲୋକ ବିବାହ ଉତ୍ସବ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ହୋଇଛି । ପୋଲିସ ଓ ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିଛନ୍ତି ।

# ବେଙ୍ଗାଲୁରୁରେ ପେୟ ଜଳର ଅନାବଶ୍ୟକ ବ୍ୟବହାର ଉପରେ ରୋକ



**ଦେବାକୁ ହେବ ଜରିମାନା**

**ବେଙ୍ଗାଲୁରୁ:** ଗ୍ରୀଷ୍ମ ପାଖେଇ ଆସୁଥିବା ବେଳେ ଭୂତଳ ଜଳସ୍ତରରେ ହ୍ରାସ କାରଣରୁ ବେଙ୍ଗାଲୁରୁ ଜଳଯୋଗାଣ ଓ ସିରେଜ ବୋର୍ଡ (ବିଡବ୍ଲୁଏସଏସବି) ପିଇବା ପାଣିର ଅନାବଶ୍ୟକ ବ୍ୟବହାର ଉପରେ ୧୭ ଫେବୃଆରୀ ସୋମବାର ରୋକ ଲଗାଇଛନ୍ତି। ବିଡବ୍ଲୁଏସଏସବି ଅଧ୍ୟକ୍ଷ ଡ. ରାମପ୍ରସାଦ ମନୋହରଙ୍କ ଦ୍ୱାରା ଏ ନେଇ ଜାରି ଆଦେଶରେ ଗାଡ଼ି ଧୋଇବା. ବାରିବଗିଚା, ନିର୍ମାଣ କାର୍ଯ୍ୟ, ସାଜସଜ୍ଜା ଉଦ୍ଦେଶ୍ୟରେ ଅଥବା ସଡ଼କ ସଫା କରିବା ପାଇଁ ପାନୀୟ ଜଳର ବ୍ୟବହାର ଉପରେ କଡ଼ା କଟକଣା ଲଗାଯାଇଛି।

ଏହି ଆଦେଶ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ସ୍ଥଳରେ ଆର୍ଥିକ ଦଣ୍ଡ ମଧ୍ୟ ହୋଇପାରେ ଏହା ସହିତ ବାରମ୍ବାର ଆଦେଶ ଉଲ୍ଲଂଘନକାରୀଙ୍କ ବିରୋଧରେ ଅତିରିକ୍ତ ଜରିମନା ମଧ୍ୟ କରାଯାଇ ପାରେ। ପାନୀୟ ଜଳର ଅନାବଶ୍ୟକ ବ୍ୟବହାର କରି ଧରାପଡିଲେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ହୋଇପାରେ। ଏହା ଛଡା ଲଗାତାର ଆଦେଶ ଅମାନ୍ୟ କଲେ ଦୈନିକ ୫୦୦ ଟଙ୍କା ହିସାବରେ ଜରିମନା ମଧ୍ୟ କରାଯାଇ ପାରେ।

ଅଧିକାରୀଙ୍କ ଅନୁସାରେ ଗ୍ରୀଷ୍ମ ଋତୁରେ ସହରରେ ବଢୁଥିବା ଜଳ ସଂକଟର ମୁକାବିଲା ନିମନ୍ତେ ଏଭଳି ପଦକ୍ଷେପ ଜରୁରି। ଭାରତୀୟ ବିଜ୍ଞାନ ସଂସ୍ଥାନ (ଆଇଆଇଏସସି) ବୈଜ୍ଞାନିକ ରିପୋର୍ଟରେ ଆଗାମୀ ମାସମାନଙ୍କରେ ଭୂତଳ ଜଳସ୍ତରରେ ବ୍ୟାପକ ହ୍ରାସ ସହ ଅପର୍ଯ୍ୟାପ୍ତ ବର୍ଷା ଯୋଗୁ ସମ୍ଭାବିତ ଜଳାଭାବ ପାଇଁ ସତର୍କ କରିଛନ୍ତି। ଏଣୁ ବିଡବ୍ଲୁଏସଏସ ଅଧିନିୟମ ୧୯୬୪ର ଗାଇଡଲାଇନ ଅନୁସାରେ ପିଇବା ପାଣିକୁ ଯାନବାହନ ଧୋଇବା, ବାରିବଗିଚାରେ ମଡାଇବା, ସିନେମା ହଲ ଓ ମଲରେ ସାଜସଜ୍ଜା ନିମନ୍ତେ ବ୍ୟବହାର କରିବା, ନିର୍ମାଣ କାମରେ ପାଣି ଦେବା ତଥା ସଡ଼କ ସଫେଇ ଓ ରକ୍ଷଣାବେକ୍ଷଣ ନିମନ୍ତେ ବ୍ୟବହାର କରିବା ଉପରେ କଟକଣା ଲଗାଇଛନ୍ତି।

# ବାପାମାଆଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ପାଇଁ ରଣବୀର ଆଲ୍ଲାବାଦିଆଙ୍କୁ ଭର୍ତ୍ସନା କଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ:** କମେଡିଆନ ସମୟ ରାଇନାଙ୍କ ସୋ 'ଇଣ୍ଡିଆଜ୍ ଗଟ୍ ଲ୍ୟାଟେଣ୍ଟ୍'ରେ ଦେଇଥିବା ବିବାଦୀୟ ମନ୍ତବ୍ୟ ପାଇଁ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର୍ ରଣବୀର ଆଲ୍ଲାବାଦିଆଙ୍କ ବିରୋଧରେ ହୋଇଥିବା ଏକାଧିକ ମାମଲାର ସୁପ୍ରିମ୍‌କୋର୍ଟ ଆଜି ଶୁଣାଣି କରିଛନ୍ତି।



ହାସ୍ୟ ଅଭିନେତା ସମୟ ରାଇନାଙ୍କ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍' ସୋ'ରେ କରିଥିବା କଦର୍ଯ୍ୟ ମଜା ପାଇଁ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଅନେକ ଏଫଆଇଆର୍ ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ଦିନ ୟୁଟ୍ୟୁବର ଏବଂ ପୋଡକାଷ୍ଟର ରଣବୀର ଆଲ୍ଲାବାଦିଆଙ୍କୁ ଗିରଫଦାରୀରୁ ସୁରକ୍ଷା ପ୍ରଦାନ କରିଛନ୍ତି।

ହେଲେ ତାଙ୍କୁ ତାଙ୍କର ଏପରି ମନ୍ତବ୍ୟ ପାଇଁ ଖୁବ୍ ତାଙ୍କୁ ଆଶ୍ୱସ୍ତି ଦେବା ସତ୍ତ୍ୱେ, ସର୍ବୋଚ୍ଚ ନ୍ୟାୟାଳୟ 'ବିୟରବାଇସେପ୍ସ' ନାମରେ ଜଣାଶୁଣା ଆଲ୍ଲାବାଦିଆଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏହାଛଡ଼ା କୋର୍ଟ କହିଛନ୍ତି କି ଏହା ତାଙ୍କର 'ବିକୃତ' ମନକୁ ଦର୍ଶାଉଛି। ଯାହା ସମଗ୍ର ସମାଜକୁ ଲଜ୍ଜିତ କରିଛି।'' ରିଆଲିଟି ସୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍'ରେ ବାପାମାଆଙ୍କୁ ନେଇ ଅଶ୍ଳୀଳ ମଜାକ କରିବା ପରେ ବିବାଦରେ ଛନ୍ଦି ହୋଇ ପଡ଼ିଥିବା ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର୍ ରଣବୀର ଆଲ୍ଲାବାଦିଆ ସୁପ୍ରିମ୍‌କୋର୍ଟଙ୍କ ଦ୍ୱ ?ାରସ୍ଥ ହୋଇଥିଲେ।

## ରାଶିଫଳ

**ମେଷ :** ଘାତଚନ୍ଦ୍ର, ଘାତତିଥି ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ସ୍ୱଜନ, ପରିଜନ ସହ କଥାବାର୍ତ୍ତା ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ। ମନରେ ଅସ୍ଥିରତା, ପରିବାରରେ ବିବାଦ ଏବଂ ଶତ୍ରୁବୃଦ୍ଧି ଘଟିବ।

**ବୃଷ:** ଦ୍ୱାଦଶ ଚନ୍ଦ୍ର, ଘାତବାର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ । ନିଶ୍ଚିତତାକୁ ପରିତ୍ୟାଗ କରି ଅନିଶ୍ଚିତତା ପଛରେ ପଶ୍ଚାତ୍‌ଧାବନ କରିବେ ।

**ମିଥୁନ:** ଏକାଦଶ ଚନ୍ଦ୍ର, ଶନିବାର ଓ ଶୁକ୍ରଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଧନ, ସମ୍ପଦ, ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତିମୂଳକ କର୍ମରେ ଧ୍ୟାନ ଅଧିକ ରହିବ।

**କର୍କଟ:** କର୍ମରେ ଉନ୍ନତି ଏବଂ ନୂତନ କର୍ମାରମ୍ଭର ଯୋଜନା କରିବେ। ମନରେ ସତ୍ ?ଚିନ୍ତା, ସତ୍‌ଭାବନା ପ୍ରକାଶ ପାଇବ ଏବଂ ସତ୍‌କର୍ମରେ ଅଧିକ ଆଗ୍ରହ ରହିବ। କର୍ମରେ ଆଶାଠାରୁ ଅଧିକ ସଫଳତା ଏବଂ କର୍ମ କରିବାର ଶୈଳୀରେ ଉନ୍ନତି ଦେଖାଦେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଯାହା ହେଲେ ମଧ୍ୟ ମନରେ ଆତ୍ମସନ୍ତୋଷ ଓ ଆତ୍ମତୃପ୍ତି ରହିବ ।

**ସିଂହ:** ଘାତବାର ଓ ନବମ ଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳଲେ ମଧ୍ୟ ମନ ବିଷାଦଗ୍ରସ୍ତ ରହିବ ଏବଂ ଚାପଗ୍ରସ୍ତ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ଏବଂ କର୍ମରେ ସଫଳତା ଓ ପଦସ୍ଥ ଅଧିକାରୀଙ୍କ କୃପାଲାଭ କରିବେ।

**କନ୍ୟା:** ଘାତବାର ଓ ଅଷ୍ଟମ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ବିବାଦ ଏବଂ ଶାରୀରିକ ପୀଡ଼ା ଭୋଗିବେ । ଉଚିତ୍ କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଅଧିକ ଆଗ୍ରହ ରହିବ ଏବଂ ବିନା କାରଣରେ ବହୁତ ବ୍ୟସ୍ତ ରହିବେ ।

**ତୁଳା:** ଶନିବାର, ଷଷ୍ଠୀ ତିଥି ଓ ଶୁକ୍ରଙ୍କ ନକ୍ଷତ୍ର ଯୋଗୁ ସ୍ତ୍ରୀସୌଖ୍ୟ, ସ୍ତ୍ରୀହେତୁକ ଧନପ୍ରାପ୍ତି ଏବଂ ଦାମ୍ପତ୍ୟ ଜୀବନ ମଧୁର ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ କର୍ମରେ ସଫଳତା ଓ ସମ୍ମାନ ମିଳିବ ।

**ବିଛା :** ଷଷ୍ଠ ଚନ୍ଦ୍ର, ଷଷ୍ଠୀ ତିଥି ଯୋଗୁ ଅସମ୍ଭବକୁ ସମ୍ଭବ କରିବାରେ ସମର୍ଥ ହେବେ ଏବଂ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ । ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ସମସ୍ତଙ୍କ ସହ ବନ୍ଧୁତା ଏବଂ ସମସ୍ତ କର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ଧନୁ :** ପଞ୍ଚମ ଚନ୍ଦ୍ର ଓ ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନ ବିଷାଦଗ୍ରସ୍ତ ରହିବ। ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି ଓ ଦୂରଦୃଷ୍ଟିର ବିକାଶ ଘଟିବ ଏବଂ ସମସ୍ତ କର୍ମରେ ସଫଳତା ଶୀର୍ଷରେ ରହିବ ।

**ମକର :** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଗୁରୁଜନଙ୍କ ସହ ବିବାଦ, ପରିବାରରେ ମତାନ୍ତର, ଯାନବାହନରେ ଖର୍ଚ୍ଚାନ୍ତରେ ପଡ଼ିବେ ।

**କୁମ୍ଭ :** ଷଷ୍ଠୀ ତିଥି, ଶନିବାର ଏବଂ ଶୁକ୍ରଙ୍କ ନକ୍ଷତ୍ର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ମୀନ :** ଶୁକ୍ଳପକ୍ଷର ଦ୍ୱିତୀୟ ଚନ୍ଦ୍ର ଯୋଗୁ ଧନ, ସମ୍ପଦ ବୃଦ୍ଧି ପାଇବ । ଅନ୍ୟକୁ ଦେଇଥିବା ଧନ ଫେରି ପାଇବେ ଏବଂ ଅନ୍ୟଠାରୁ ଆଣିଥିବା ଧନ ଫେରାଇବାରେ ସମର୍ଥ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ଆୟ ଯେତେ ଅଧିକ ହେଲେ ମଧ୍ୟ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ।

# ମାତୃଭାଷା

କଟକ, ବୁଧବାର, ଫେବୃୟାରୀ-୧୯, ୨୦୨୫ ପୃଷ୍ଠା: ୪


## ଚୀନ୍ ସେନା ଏକ କାଗଜ ବାଘ - ଲଢ଼ିବାକୁ ଫିଟ୍ ନୁହଁନ୍ତି

୧୯୬୨ ଯୁଦ୍ଧରେ ଚୀନ ଠାରୁ ଭାରତ ଅତି ଶୋଚନୀୟ ଭାବେ ପରାସ୍ତ ହେବା ପରଠାରୁ ଆଜି ଯାଏ ଆମ ଦେଶରେ ଏକ ଭୟ ରହିଆସିଛି ଯେ ପ୍ରତିରକ୍ଷା କ୍ଷେତ୍ରରେ ଚୀନ ଆମ ଠାରୁ ବହୁ ଅଧିକ ଶକ୍ତିଶାଳୀ ଏବଂ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହେଲେ ଭାରତର ସ୍ଥିତି ଅତି ଖରାପ ହୋଇଯିବ। ତେବେ ଚୀନର ଏହି ସାମରିକ ସାମର୍ଥ୍ୟ ସତରେ କେତେ ଶକ୍ତିଶାଳୀ ନା ନାହିଁ, ସେହି ରହସ୍ୟ ଉପରୁ ପରଦା ଉଠେଇ ଦେଇଛି ଆମେରିକାର ଏକ ଥିଙ୍କ୍ ଟ୍ୟାଙ୍କ୍ ।

ଆମେରିକା ପରେ ଚୀନକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଭାବରେ ବିବେଚନା କରାଯାଇଥାଏ। ଏହା ପାଖରେ ଏକ ଶକ୍ତିଶାଳୀ ସେନା ଏବଂ ଆଧୁନିକ ଅସ୍ତ୍ରଶସ୍ତ୍ର ଅଛି। ଚୀନ୍ ସେନା ବିଷୟରେ ଏହି ଧାରଣାକୁ ଏକ ନୂତନ ରିପୋର୍ଟ ଦ୍ୱାରା ଚ୍ୟାଲେଞ୍ଜ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଚୀନ୍ ସେନା ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତ ନୁହନ୍ତି।

ଆମେରିକୀୟ ଥିଙ୍କ ଟ୍ୟାଙ୍କ ରାଣ୍ଡ କର୍ପରର ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଚୀନ୍ର ଶାସକ ଦଳ ଯୁଦ୍ଧ ପାଇଁ ସୈନ୍ୟବାହିନୀକୁ ପ୍ରସ୍ତୁତ କରିବା ପରିବର୍ତ୍ତେ କ୍ଷମତାରେ ରହିବା ପାଇଁ ସୈନ୍ୟବାହିନୀକୁ ଉନ୍ନତ କରୁଛି। ଏପରି ପରିସ୍ଥିତିରେ, ଯେତେବେଳେ ସୁଯୋଗ ଆସିବ, ଚୀନ୍ ସେନା ଯୁଦ୍ଧକ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

ସିଏନଏନ ଅନୁଯାୟୀ, ଆମେରିକୀୟ ଥିଙ୍କ ଟ୍ୟାଙ୍କ ରିପୋର୍ଟରେ କୁହାଯାଇଛି ଯେ, ଚୀନ୍ କମ୍ୟୁନିଷ୍ଟ ପାର୍ଟି (ସିସିପି)ର ସେନାକୁ ସୁଦୃଢ଼ କରିବାର ଉଦ୍ଦେଶ୍ୟ କ୍ଷମତା ଉପରେ ନିଜର କବଜା ବଜାୟ ରଖିବା, କୌଣସି ବାହ୍ୟ ଶତ୍ରୁ ସହିତ ଲଢ଼ିବା ନୁହେଁ। ରିପୋର୍ଟର ଲେଖକ, ଟିମୋଥି ହିଥ୍, ଯୁକ୍ତି ଦେଇଛନ୍ତି ଯେ, ଚୀନ୍ ସେନା (ପିଏଲଏ) ସି ଜିନପିଙ୍ଗ ଏବଂ ସିସିପି ଶାସନକୁ ବଜାୟ ରଖିବା ଉପରେ ଧ୍ୟାନ ଦେଉଛି। ଚୀନର ସାମରିକ ଆଧୁନିକୀକରଣ ସିସିପି ଶାସନର ଆକର୍ଷଣ ଏବଂ ବିଶ୍ୱସନୀୟତାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ. ପିଏଲଏ ଏହାର ତାଲିମ ସମୟର ୪୦ ପ୍ରତିଶତ ପର୍ଯ୍ୟନ୍ତ ରାଜନୈତିକ ବିଷୟଗୁଡ଼ିକରେ ବିତାଇଥାନ୍ତି। ହିଥ୍ କୁହନ୍ତି, ଏହି ସମୟକୁ ଯୁଦ୍ଧରେ ଦକ୍ଷତା ହାସଲ କରିବା ପାଇଁ ବ୍ୟବହାର କରାଯାଇପାରିବ କିନ୍ତୁ ପ୍ରକୃତରେ ସେପରି ନୁହେଁ। ଆଧୁନିକ ଯୁଦ୍ଧ ପାଇଁ ପିଏଲଏ କେତେ ପ୍ରସ୍ତୁତ ସେ ବିଷୟରେ ପ୍ରଶ୍ନ ଉଠୁଛି। ପିଏଲଏ ୟୁନିଟର ନେତୃତ୍ୱ ମଧ୍ୟ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ଯେଉଁମାନେ ଯୁଦ୍ଧ କ୍ଷମତା ଅପେକ୍ଷା ଦଳ ପ୍ରତି ଆନୁଗତ୍ୟ ଉପରେ ଗୁରୁତ୍ୱ ଦିଅନ୍ତି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ଆମେରିକା ଏବଂ ଚୀନ୍ ମଧ୍ୟରେ ପାରମ୍ପରିକ ଯୁଦ୍ଧର ସମ୍ଭାବନା ବହୁତ କମ୍। ପେଣ୍ଟାଗନର ଯୋଜନାକାରୀମାନେ କ୍ଷେପଣାସ୍ତ୍ର ଏବଂ ବୋମା ବ୍ୟତୀତ ଚୀନ୍ ବିପଦର ଏକ ବ୍ୟାପକ ପରିସର ଉପରେ ଧ୍ୟାନ ଦେବା ଉଚିତ। ତଥାପି, କିଛି ବିଶେଷଜ୍ଞ ରିପୋର୍ଟର ନିଷ୍କର୍ଷ ସହିତ ଏକମତ ନୁହଁନ୍ତି। ସେ କହିଛନ୍ତି ଯେ,ସି ଜିନପିଙ୍ଗ ତାଙ୍କର ସର୍ବୋଚ୍ଚ ସାମରିକ ଲକ୍ଷ୍ୟକୁ ସ୍ପଷ୍ଟ କରିଛନ୍ତି। ଲକ୍ଷ୍ୟ ହେଉଛି ତାଇୱାନକୁ କବଜା କରିବା, ଏବଂ ଚୀନ ଏଥିପାଇଁ ପ୍ରସ୍ତୁତ।

ହିଥ୍ ଚୀନର ବର୍ଦ୍ଧିତ ଆଧୁନିକ ଅସ୍ତ୍ରଶସ୍ତ୍ର ଭଣ୍ଡାର ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ ରିପୋର୍ଟରେ କୁହାଯାଇଛି ଯେ, ଇତିହାସ ବାରମ୍ବାର ଦେଖାଇଛି ଯେ, ସେନା ପ୍ରାୟତଃ ଯୁଦ୍ଧରେ ସେମାନଙ୍କର ଉନ୍ନତ ଅସ୍ତ୍ରଶସ୍ତ୍ରକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିବାରେ ବିଫଳ ହୁଏ। ରିପୋର୍ଟରେ ୟୁକ୍ରେନ ଯୁଦ୍ଧର ଉଦାହରଣ ଦିଆଯାଇଛି, ଯେଉଁଠାରେ ଏକ ଉନ୍ନତ ଅସ୍ତ୍ରଶସ୍ତ୍ର ବିଶିଷ୍ଟ ସେନା ବିଜୟ ହାସଲ କରିବାରେ ବିଫଳ ହୋଇଛି। ହିଥ୍ କହିଛନ୍ତି ଯେ, ଚୀନ୍ ସେନା ଯୁଦ୍ଧରେ ଏହାର ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାରେ ସଫଳ ହେବ କି ନାହିଁ ତାହା ସନ୍ଦେହଜନକ।

ଚୀନ୍ ସେନା ମଧ୍ୟ ସୈନିକ ଅଭାବ ଏବଂ ଦୁର୍ନୀତି ସହିତ ସଂଘର୍ଷ କରୁଛି। ଏକ ସାମ୍ପ୍ରତିକ ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ସେନା ଏବଂ ସରକାରଙ୍କ ବରିଷ୍ଠ ସ୍ତର ମଧ୍ୟରେ ବ୍ୟାପକ ଦୁର୍ନୀତି ବିରୋଧୀ ଅଭିଯାନ ସି ଜିନପିଙ୍ଗଙ୍କ ପ୍ରତିରକ୍ଷା ନିର୍ମାଣରେ ବାଧା ସୃଷ୍ଟି କରୁଛି। ଏହା ସେନାର କାର୍ଯ୍ୟକ୍ଷମ କ୍ଷମତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ହିଥ୍ ମଧ୍ୟ ଏହା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି।

ଯୁଦ୍ଧାସ୍ତ୍ର କ୍ଷେତ୍ରରେ ଚୀନ ଭାରତ ଠାରୁ ଯଥେଷ୍ଟ ଆଗରେ ଅଛି। ତେବେ ଯୁଦ୍ଧାସ୍ତ୍ର କ୍ଷେତ୍ରରେ ଏବେ ଚୀନ ଠାରୁ ଭାରତ ଏତେ ପଛରେ ନାହିଁ। ଭାରତ ଏ କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ଅଗ୍ରଗତି ଚୀନ୍ ପଛକୁ ଚତୁର୍ଥ ସ୍ଥାନରେ ଆସି ପହଞ୍ଚିଛି। ତେବେ ଯୁଦ୍ଧାସ୍ତ୍ର ବ୍ୟବହାର କରୁଥିବା ସୈନିକ କ୍ଷେତ୍ରରେ ଭାରତ ଚୀନ ଠାରୁ ଯଥେଷ୍ଟ ଆଗରେ ଅଛି। ତିନି ବର୍ଷ ତଳେ ଗଲୱାନ ଘାଟୀରେ ଭାରତର ଜବାନମାନେ ଚୀନ୍ ସେନାଙ୍କର ଯେ ପ୍ରକାର ବୁଲେଇ କଲେ ଆଉ ଚୀନି ସେନା ମାଡ ଖାଇ ଯେପରି ଦୟନୀୟ ଭାବେ ଛତ୍ରଭଙ୍ଗ ଦେଲେ, ସେବେ ଠାରୁ ଏହା ସ୍ପଷ୍ଟ ହୋଇଯାଇଛି ଯେ ଚୀନ୍ ସେନା ବାସ୍ତବରେ ଏତେ ଶକ୍ତିଶାଳୀ ନୁହଁନ୍ତି, ଯାହା ପ୍ରଚାର କରାଯାଉଛି। ଯୁଦ୍ଧାସ୍ତ୍ର ବ୍ୟବହାରବେଳେ ଯଦି ସେନା ଲାଙ୍ଗୁଳ ଯାକି ଦୌଡ଼ିବ, ତେବେ ଲକ୍ଷ ଲକ୍ଷ କୋଟି ଟଙ୍କାର ସେହି ଯୁଦ୍ଧାସ୍ତ୍ର କେଉଁ କାମକୁ।ଏ କ୍ଷେତ୍ରରେ ଆମ ଭାରତର ସେନା ଚୀନ୍ କଣ ସମସ୍ତଙ୍କ ଠାରୁ ଆଗରେ ଅଛି।୨୦୧୪ ରେ ମୋଦି ସରକାର ଆସିବା ପରଠାରୁ ଭାରତର ସେହି ଭୟ- ଆଶଙ୍କା ଦୂରୀଭୂତ ହୋଇଛି, ଯାହା ୧୯୬୨ ରୁ କଂଗ୍ରେସ ସରକାର ଅମଳରୁ ରହିଆସିଥିଲା। କଂଗ୍ରେସ ଅମଳରେ ତିନି ସେନାବାହିନୀକୁ ଯେପରି ସଶକ୍ତ କରାଯିବା ଉଚିତ, ସେପରି କରାଯାଇନଥିଲା। ଏବେ ଭାରତୀୟ ସେନା ବିଶ୍ୱର ଏକ ଅଗ୍ରଣୀ ସେନା, ଯିଏ ଶତ୍ରୁକୁ ନ ଡରି ମୁହଁତୋଡ଼୍ ଜବାବ ଦେଇପାରେ।

## ବିନାଶକୁ ଆମନ୍ତ୍ରଣ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

କଥାରେ ଅଛି 'ମାଘ ମାସର ଜାଡ ବାଘ' ପରି । କିନ୍ତୁ ଆମ ଦେଶରେ ଗଲା ଜାନୁୟାରୀ ମାସରେ ଯେଉଁଭଳି ଗରମ ଅନୁଭୂତ ତାହା ଜଳବାୟୁ ପରିବର୍ତ୍ତନର ପ୍ରତିଫଳନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଜାନୁୟାରୀ ମାସରେ ଉତପ୍ତ ବର୍ଷ ଥିବା ରେକର୍ଡ



କରାଯାଇଛି, ଯାହାକି ଅପ୍ରତ୍ୟାଶିତ। କିନ୍ତୁ ଏନେଇ ଜଳବାୟୁ ବିଜ୍ଞାନୀଙ୍କ ଉତର ମଧ୍ୟ ଅସ୍ପଷ୍ଟ। ତେବେ ଏହା କେବଳ ବାୟୁମଣ୍ଡଳରେ ଗ୍ରୀନ ହାଉସ ଗ୍ୟାସର ବୃଦ୍ଧିର କାରଣ ନୁହେଁ। ବାୟୁ ମଣ୍ଡଳରେ ଏଲ ନିନୋରୁ ଲା-ନିନୋକୁ ପରିବର୍ତ୍ତନ ସତ୍ତ୍ୱେ ଜାନୁୟାରୀରେ ଉଷ୍ଣତା ବୃଦ୍ଧି ନିଶ୍ଚିତ ଭାବେ ପ୍ରଶ୍ନବାଚୀ ଭାବେ ଉଭା ହୋଇଛି। କାରଣ ଲା-ନିନୋ ବାୟୁମଣ୍ଡଳକୁ ଥଣ୍ଡା କରିବା ସଙ୍ଗେ ସଙ୍ଗେ ଜଣାଶୁଣା। କହିବା ବାହୁଲ୍ୟ ଯେ, ବିଶ୍ୱ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବା ନେଇ ଗତ କିଛି ବର୍ଷ ଧରି ଜଳବାୟୁ ବିଜ୍ଞାନୀମାନେ ଭବିଷ୍ୟବାଣୀ କରି ଆସୁଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଉତାପ ୦.୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଇଥିବାବେଳେ ବାସ୍ତବରେ ତାହା ଏହି ସୀମା ଅତିକ୍ରମ କରିଥିବା କୁହାଯାଏ। ଦେଶରେ ଲା-ନିନା ୨୦୨୦ରୁ ୨୦୨୩ ମଧ୍ୟରେ ରହିଥିଲା । ଯାହା ଉତପ୍ତ ଜଳବାୟୁକୁ ନିୟନ୍ତ୍ରଣ କରି ମହାସାଗରରେ ମହଜୁଦ କରି ରଖିଥିଲା। ଏଲ-ନିନୋ ଏହାକୁ ପ୍ରବାହିତ କରିଥାଏ। ୨୦୨୫ ପୂର୍ବ ବର୍ଷ ତୁଳନାରେ ଅଧିକ ଶୀତଳ ହେବା ନେଇ ଜଳବାୟୁ ବିଶାରଦମାନେ ଆଶା କରିଥିବା ବେଳେ କାହିଁକି ଗଲା ଜାନୁୟାରୀ ଅଧିକ ଉତପ୍ତ ହୋଇଥିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଅନ୍ୟପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ ହେଉଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ଯୋଗୁଁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଉଲ୍ଲେଖ କରାଯାଇପାରେ ଯେ, ବାୟୁମଣ୍ଡଳରେ ବିଶ୍ୱ ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବା ପାଇଁ ଗତ ୨୦୧୫ରେ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏବେ ଯେଉଁଭଳି ତାପମାତ୍ରା ବୃଦ୍ଧି ୨୦୩୦ ମସିହା ସୁଦ୍ଧା ୨.୬ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇବା ନେଇ ବିଜ୍ଞାନୀମାନେ ସତର୍କ କରାଇ ସାରିଲେଣି। କିନ୍ତୁ ପ୍ୟାରିସ ରାଜିନାମାକୁ କାର୍ଯ୍ୟକାରୀ କରିବା ପାଇଁ ବର୍ତମାନ ସୁଦ୍ଧା ରାଷ୍ଟ୍ରଗୁଡିକ ସେଭଳି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଏହି ରାଜିମାରୁ ଆମେରିକା ନିକଟରେ ଏବେ ଓହରି ଯାଇଥିବାବେଳେ ଜି-୨୦ ରାଷ୍ଟ୍ରଗୁଡିକ ମଧ୍ୟ ନୀରବ ରହିଥିବା ଦେଖାଯାଏ। ବିଶେଷ କରି ବ୍ରିଟେନ, ବ୍ରାଜିଲ, ଜାପାନ, ଆଦି ରାଷ୍ଟ୍ରଗୁଡିକରେ ନୀରବତା ମଧ୍ୟ ବିସ୍ମୟ ମନେହୁଏ। ଅନ୍ୟପକ୍ଷରେ ୟୁଏନଏଫସିସିସି ତା'ର ରିପୋର୍ଟରେ ଆଶା ପ୍ରକାଶ କରିଛି ଯେ, ଆସନ୍ତା ସେପ୍ଟେମ୍ବରରେ କୋପ-୩୦ ଶିଖର ସମ୍ମିଳନୀ ବ୍ରାଜିଲରେ ଅନୁଷ୍ଠିତ ହେବାକୁ ଯାଉଛି। ସେପ୍ଟେମ୍ବର ସୁଦ୍ଧା ସମସ୍ତ ରାଷ୍ଟ୍ର ସେମାନଙ୍କର ଜଳବାୟୁ ନିୟନ୍ତ୍ରଣ ତଥା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ନେଇ ସେମାନଙ୍କର ଯୋଜନା ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବା ଉଚିତ। କିନ୍ତୁ ପ୍ୟାରିସ ରାଜିନାମାରେ ସ୍ୱାକ୍ଷର କରୁଥିବା ୯୦ପ୍ରତିଶତରୁ ଅଧିକ ରାଷ୍ଟ୍ର ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଥିବା ରିପୋର୍ଟରେ କୁହାଯାଇଛି। ଏହା ନିଃସନ୍ଦେହ ଯେ, ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଯଦି ରୋକିବା ଲାଗି ବୈଶ୍ୱିକ ସ୍ତରରେ ଆନ୍ତରିକତା ଉଦ୍ୟମ ନହୁଏ, ତେବେ କେବଳ ପାଣିପାଗକୁ ଏହା ପ୍ରଭାବିତ କରିବ ନାହିଁ, ସମୁଦ୍ର ଜଳ ପତନ ବୃଦ୍ଧି ପାଇ ବିଶ୍ୱର ବହୁ ଉପକୂଳ ଅଂଚଳ ବୁଡିଯିବା ନେଇ ବୈଜ୍ଞାନିକମାନେ ସତର୍କ କରାଇ ସାରିଲେଣି। ସମୁଦ୍ର ଜଳପତନ ବୃଦ୍ଧିର କାରଣ ଭାବେ ହିମଶୃଙ୍ଗ ଓ ବରଫ ତରଳିବା ବୋଲି କୁହାଯାଇଛି। ହିମାଳୟରୁ ବଡ ବଡ ବରଫ ଖଣ୍ଡ ଏବଂ ଆର୍ଟିକାରେ ବରଫ ତରଳିବା ହେଉଛି, ଏହାର ଜ୍ୱଳନ୍ତ ଉଦାହରଣ। ବରଫ ତରଳି ହିମାଚଳ ଓ ଉତରାଖଣ୍ଡରେ ପ୍ରାକୃତିକ ବିପର୍ଯ୍ୟାୟ ଘଟିବା, ବୋଧହୁଏ କେହି ପାଶୋରି ନଥିବେ। କେବଳ ଭାରତ ନୁହେଁ, ଆମେରିକାରେ ବାରମ୍ବାର ସାମୁଦ୍ରିକ ବାତ୍ୟା, ବରଫ ବୃଦ୍ଧି ମଧ୍ୟ ଏହାର କାରଣ ଭାବେ କୁହାଯାଇଛି। ସେହିପରି ମୌସୁମୀ ବର୍ଷାରେ ଅନିୟମିତତା ତଥା ଅତିବୃଷ୍ଟି, ଅନାବୃଷ୍ଟି ଏହାର ଆଉ ଏକ କାରଣ। ରାଷ୍ଟ୍ରଗୁଡିକର ଅବହେଳା କେବଳ ବିପର୍ଯ୍ୟାୟ ତଥା ବିନାଶକୁ ଆମନ୍ତ୍ରଣ କରିବା ସାର ହେବ।

## କାଗଜ ଚା' କପ୍ ଆମ ସ୍ୱାସ୍ଥ୍ୟ ପାଇଁ ବିଷ ନା ଅମୃତ.. !

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଚା' କଫି ପିଇବା ପାଇଁ ଆମେ ସାଧାରଣତଃ ପେପର୍ କପ୍ ବ୍ୟବହାର କରିଥାଉ । କିନ୍ତୁ ଏହା ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହା ଆମ ପାଇଁ କେତେ ବିଷ ଯୁକ୍ତ । ଆମେ ଜାଣିଛନ୍ତି ଯେ କାଗଜରେ କୌଣସି ତରଳ ପଦାର୍ଥ ରହିପାରେ ନାହିଁ, ତେଣୁ ଏପରି ପରିସ୍ଥିତିରେ, କପ୍‌ର ଭିତର ଅଂଶକୁ ୱାଟରପ୍ରୁଫ୍ କରିବା ପାଇଁ ଅଲଟ୍ରା ଥିନ୍ ପ୍ଲାଷ୍ଟିକରେ କୋଟ୍ କରାଯାଏ । ଯାହାକୁ ଆମେ ମାଇକ୍ରୋପ୍ଲାଷ୍ଟିକ୍ ବୋଲି କହିଥାଉ । ଏହି ମାଇକ୍ରୋପ୍ଲାଷ୍ଟିକ୍ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଆଜିକାଲି ଅଧିକାଂଶ ଚା ଦୋକାନରେ କାଗଜ କପ୍‌ର ବ୍ୟବହାର ବହୁଳ ଭାବରେ ହେଉଛି। ଥରଟିଏ ବ୍ୟବହାର କରି ଫିଙ୍ଗି ଦିଆଯାଉଥିବା ଏହି କାଗଜ କପ୍‌ରେ ଚା' ଓ କଫି ଭଳି ଗରମ ପାନୀୟ ପିଇବା ସ୍ୱାସ୍ଥ୍ୟ ପାଇଁ ଆଦୌ ନିରାପଦ ନୁହେଁ। ଭବିଷ୍ୟତରେ ଏହା ଆମ ଶରୀରରେ ସୃଷ୍ଟି କରିପାରେ କର୍କଟ ରୋଗ ! କାଗଜ କପ୍‌ରେ ଦୈନିକ ତିନି ଥର ଚା ପିଉଥିବା ବ୍ୟକ୍ତିର ଶରୀରରେ ୭୫,୦୦୦ ଅଣୁପ୍ଲାଷ୍ଟିକ୍ (ମାଇକ୍ରୋ ପ୍ଲାଷ୍ଟିକ୍) ଖଣ୍ଡ ପ୍ରବେଶ କରିଥାଏ। ଖଡ଼ଗପୁରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏକଥା ଜଣାପଡ଼ିଛି। କାଗଜ କପ୍‌କୁ ୱାଟରପ୍ରୁଫ୍ କରିବା ପାଇଁ ସେଥିରେ କେମିକାଲ ମିଶୁଛି। ଗରମ ଚା' କିମ୍ବା କଫି ସଂସ୍ପର୍ଶରେ ଆସିବା ମାତ୍ରେ ତାହା ତରଳି ଚା'ରେ ମିଶି ପେଟକୁ ଯାଇ ରୋଗ ସୃଷ୍ଟି କରୁଛି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା କ୍ୟାନସରଠାରୁ ଆରମ୍ଭ କରି ପେଟ ସମସ୍ୟା ଏବଂ ଅନ୍ୟାନ୍ୟ ରୋଗ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହୁଛି। ସେହିପରି ଅନେକ ଲୋକ କ୍ଷୀର ଜରି କିମ୍ବା ଅନ୍ୟାନ୍ୟ ଜରିରେ ଚା' ପାର୍ସଲ ନେଉଛନ୍ତି। ଏହାଦ୍ୱାରା ମଧ୍ୟ ରୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ଲୋକମାନେ ସଚେତନ ନ ହେବେ, ତେବେ ଭବିଷ୍ୟତରେ ସେମାନେ ନିହାତି ରୋଗରେ ପଡିବେ।

ଆଜିକାଲି ଅଭ୍ୟାସଗତ ଭାବେ ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଚା' କଫି ଆଦି ପିଇବାକୁ ଭଲପାଆନ୍ତି। ତେଣୁ ସହରଠୁ ଆରମ୍ଭ କରି ଗାଆଁ ରାସ୍ତାପାର୍ଶ୍ୱ, କଲୋନୀ, ବସ୍ତିରେ ଚା'ଦୋକାନ ଖୋଲିଛି। ପୂର୍ବରୁ କାଚ ଗ୍ଲାସ୍, ଚିନାମାଟି କିମ୍ବା ମାଟି କପରେ ଚା' ଦେଉଥିଲେ ଦୋକାନୀ। ହେଲେ ଏବେ ଏହାର ସ୍ଥାନ ନେଇଛି କାଗଜ କପ୍। ଏହା ଦୋକାନୀଙ୍କ ପାଇଁ ସୁବିଧାଜନକ



ହେଉଥିଲେ ମଧ୍ୟ ଗ୍ରାହକଙ୍କ ପାଇଁ ବିପଦ ସାଜୁଛି। ଏହି ୟୁଜ୍ ଆଣ୍ଡ୍ ଥ୍ରୋ ବା ଏକକ ବ୍ୟବହାରଯୋଗ୍ୟ କପ୍ ଅଜାଣତରେ ଗ୍ରାହକଙ୍କୁ ରୋଗ ବାଣ୍ଟୁଛି। ଗବେଷଣାରୁ ଜଣାପଡ଼ିଛି ଯେ ଗରମ ଚା ବା କଫିରେ ମିଶୁଥିବା ଅଣୁପ୍ଲାଷ୍ଟିକ୍ ଗୁଡ଼ିକ ଆୟନ୍, ପାରୋଡିୟମ୍, କ୍ରୋମିୟମ୍ ଓ ପାଲାଡିୟମ୍ ପରି ବିଷାକ୍ତ ଭାରୀଧାତୁ ତଥା ଜୈବିକ ପଦାର୍ଥର ବାହକ ହୋଇପାରେ। ଏହିସବୁ ପଦାର୍ଥରେ ପାଣି ଲାଗୁ ନଥିବାରୁ ଏଗୁଡ଼ିକ ସହଜରେ ଜୀବଜଗତକୁ ମଧ୍ୟ ସଂକ୍ରମିତ ହୋଇପାରନ୍ତି। ଶରୀରରେ ଏସବୁ ପ୍ରବେଶ କରିବାର ସ୍ୱାସ୍ଥ୍ୟଗତ ପରିଣତି ବେଶ୍ କ୍ଷତିକାରକ ହୋଇପାରେ ବୋଲି ଗବେଷକ ମାନେ ମତପ୍ରକାଶ କରିଛନ୍ତି। ଆମ ପ୍ରତି ବିପଦ ସୃଷ୍ଟି କରୁଥିବା କାଗଜ କପ୍ ଭଳି ସାମଗ୍ରୀ ଗୁଡ଼ିକର ବିକଳ୍ପ ବାଛିବା ବେଳେ ଆମକୁ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ। ପ୍ଲାଷ୍ଟିକ୍ କପ୍ ଓ ଗ୍ଲାସ୍‌ର ବିକଳ୍ପ ରୂପେ କାଗଜ କପ୍ ବାଛିବା ବେଳେ ଆମେମାନେ ଯଥେଷ୍ଟ ସାବଧାନତା ଅବଲମ୍ବନ କରୁନାହୁଁ। ଯଦି ଆମେ ଏ ଦିଗରେ ସଚେତନ ନ ହୋଇ ସତର୍କତା ଅବଲମ୍ବନ ନକରିବା ତେବେ ଆଗାମୀ ଦିନରେ କର୍କଟ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେବାର ନିଶ୍ଚିତ ଆଶଙ୍କାକୁ ଏଡ଼ାଇ ଦେଇହେବନି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା ଡାଇରିଆ, ପାଚନଶକ୍ତି କ୍ଷୟ, କିଡ୍‌ନୀ ନଷ୍ଟ ହେବାର ମଧ୍ୟ ସମ୍ଭାବନା ଅଧିକ ବୋଲି ଗବେଷକ ମାନେ ଉଲ୍ଲେଖ କରିଛନ୍ତି। କାଗଜ କପ୍ ଡିସ୍‌ପୋଜ ହେଉଥିଲେ ମଧ୍ୟ ଏଥିପାଇଁ ସମୟ ଲାଗିଥାଏ। ଅପରପକ୍ଷେ ଚା' ପିଇସାରି ଲୋକମାନେ ଏଣେତେଣେ କପ୍ ଫୋପାଡୁଥିବାରୁ ଏହାଦ୍ୱାରା ଆଖପାଖ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ଲୋକମାନେ ମଧ୍ୟ ଅଚିନ୍ତାରେ କାଗଜ କପ୍‌ରେ ଚା' ଓ କଫି ପିଉଥିବା ଦେଖାଯାଉଛି। ଶରୀର ପାଇଁ ଏହା ଯେ କେତେ ଭୟଙ୍କର ବିପଦ ଆଣୁଛି, ତାହା ହୁଏତ ଲୋକେ ଜାଣିନାହାନ୍ତି ବା ସଚେତନ ନୁହନ୍ତି। ଆଜିକାଲି ଅଧିକାଂଶ ଚା ଦୋକାନରେ କାଗଜ କପ୍‌ର ବ୍ୟବହାର ବହୁଳ ଭାବରେ ହେଉଛି। ଥରଟିଏ ବ୍ୟବହାର କରି ଫିଙ୍ଗି ଦିଆଯାଉଥିବା ଏହି କାଗଜ କପ୍‌ରେ ଚା ଓ କଫି ଭଳି ଗରମ ପାନୀୟ ପିଇବା ସ୍ୱାସ୍ଥ୍ୟ ପାଇଁ ନିରାପଦ ନୁହେଁ। ଭବିଷ୍ୟତରେ ଏହା ଆମ ଶରୀରରେ ସୃଷ୍ଟି କରିପାରେ କର୍କଟ ରୋଗ ! କାଗଜ କପ୍‌ରେ ଦୈନିକ ତିନି ଥର ଚା ପିଉଥିବା ବ୍ୟକ୍ତିର ଶରୀରରେ ୭୫,୦୦୦ ଅଣୁପ୍ଲାଷ୍ଟିକ୍ (ମାଇକ୍ରୋ ପ୍ଲାଷ୍ଟିକ୍) ଖଣ୍ଡ ପ୍ରବେଶ କରିଥାଏ ଯାହା ଆମ ସ୍ୱାସ୍ଥ୍ୟ ପାଇଁ ବିରାଟ ବିପଦ ଆଣିବାର ଏକ ମୁଖ୍ୟ ମାର୍ଗ ବୋଲି ଗବେଷକ ମାନେ ଚେତାବନୀ ଦେଇସାରିଛନ୍ତି। ତେଣୁ ଏବେ ଠାରୁ ସମସ୍ତେ ଏ ବିଷୟ ପ୍ରତି ସଚେତନ ହେବା ଆବଶ୍ୟକ, ନୋହିଲେ ନେଡି ଗୁଡ଼ କହୁଣୀକୁ ବହିଯିବା ଭଳି ଅବସ୍ଥା ନିଶ୍ଚିତ ହେବ, ଯାହାକୁ ଆଦୌ ଏଡ଼ାଇ ଦିଆଯାଇ ନ ପାରେ ।

କାଚଗ୍ଲାସ୍ କିମ୍ବା ମାଟି କପ୍ ସବୁ ଦୋକାନୀ ଆଜିକାଲି ରଖୁନାହାନ୍ତି। କାଗଜ କପ୍‌ରେ ଚା ପି' ସାରିବା ପରେ ତାକୁ ଫୋପାଡ଼ି ଦେବା ସବୁଠାରୁ ସହଜ କଥା ବର୍ତ୍ତମାନ ହୋଇଛି । ଏହା ସମ୍ପୂର୍ଣ୍ଣ ବନ୍ଦ ହେବା ଦରକାର, ନଚେତ୍ କେତେ ଲୋକେ ଅଜାଣତରେ ବଡ ରୋଗର ଶିକାର ହୋଇଯିବେ କେହି ଜାଣି ପାରିବେ ନାହିଁ କ୍ଷ ତେବେ ଏହାକୁ ବନ୍ଦ କରିବା ନିୟମ କେବଳ ରାସ୍ତାକଡ଼ ଦୋକାନୀଙ୍କ ପାଇଁ ଲାଗୁ ନ କରିବା ସହ ବଡବଡ କଫିଶପ୍, ଏୟାରପୋର୍ଟ, ରେଲ୍‌ୱେ ଷ୍ଟେଶନ୍ ଆଦିରେ ଥିବା ଦୋକାନ ଉପରେ ମଧ୍ୟ ଲାଗୁ କରିବା ଦରକାର ଆଉ ଏକ ମୁଖ୍ୟ କଥା ଯେ ଏ ଚା କପ୍ ଫ୍ୟାକ୍ଟ୍ରିକୁ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି ହେବା ଉଚିତ୍ । ଲୋକମାନେ ତିଆରି ହୋଇଥିବା କାଗଜ ଚା କପ୍ ପରିବର୍ତ୍ତେ, ଚିନା ମାଟି କିମ୍ବା ଷ୍ଟିଲ୍ କପ୍, କିମ୍ବା କାଚ ଗ୍ଲାସ୍ ବ୍ୟବହାର ନିହାତି କରିବା ଆବଶ୍ୟକ । ବାହାରେ ଚା' କିମ୍ବା କଫି ପିଇଲା ତେବେ ମାଟି କୁଲହଡ୍ ବେଷ୍ଟ ଅପ୍ସନ ରହିବ । କିମ୍ବା ସର୍ବଦା ନିଜ ସହ ଏଭଳି ଏକ କପ୍ ରଖିବା ଉଚିତ୍ ଯେ ଯାହାକୁ ବାରମ୍ବାର ବ୍ୟବହାର କରିହେବ । ଏହା କେବଳ ପରିବେଶ ପାଇଁ ନୁହେଁ ବରଂ ଆମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅଧିକ ଲାଭଦାୟକ ହେବ ।


**ଅରଙ୍ଗାବାଦ, ବରୀ, ଯାଜପୁର**
**ସମ୍ପାଦକ – ଭଗବତୀ ସାହିତ୍ୟ ସଂସଦ**
**ମୋବାଇଲ – ୮୨୪୯୫୦୨୭୭୬**


## ପ୍ରୟାଗକୁ ରକ୍ଷା କରିଥିଲା କୁମ୍ଭମେଳା

**ତ୍ରିନାଥ ଓଝା**

ଆସ୍ଥା ଓ ବିଶ୍ୱାସର ସଙ୍ଗମ କୁମ୍ଭ। ତୀର୍ଥରାଜ ପ୍ରୟାଗରୁ ଆରମ୍ଭ କରି ଆହ୍ଲାବାଦ, ବର୍ତ୍ତମାନର ପ୍ରୟାଗରାଜ ପର୍ଯ୍ୟନ୍ତ ମହାକୁମ୍ଭର ବିକାଶର ଗାଥା ଅସୀମ ଓ ଅକଳ୍ପନୀୟ। ମହାକୁମ୍ଭ ମେଳା ଭାରତରେ ଏକ ଭବ୍ୟ ଧାର୍ମିକ ଆୟୋଜନ। ଏହି ଉତ୍ସବର ଐତିହାସିକ ଗୁରୁତ୍ୱ ଯେତିକି ଆଧ୍ୟାତ୍ମିକ ମହତ୍ୱ ବି ସେତିକ। ଏହାର ମୌଳିକତା ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ଉଲ୍ଲେଖ ରହିଛି। କୋଟି କୋଟି ଶ୍ରଦ୍ଧାଳୁଙ୍କ ସମର୍ପିତ ମନୋଭାବରେ ସଙ୍ଗମ ନଗରୀର ମହାକୁମ୍ଭ ଏବେ ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳା। ହିନ୍ଦୁ ଧର୍ମ ସମେତ ବିଶ୍ୱର ଅନ୍ୟ କେତେକ ଧର୍ମ ଓ ସମ୍ପ୍ରଦାୟରେ ପବିତ୍ର ସ୍ନାନ ବିଷୟରେ ଉଲ୍ଲେଖ ରହିଛି। ତେବେ ସଙ୍ଗମ ନଗରୀରେ ଆୟୋଜିତ କୁମ୍ଭମେଳା ବିଶେଷକରି ୧୪୪ ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ମହାକୁମ୍ଭ ମେଳାରେ ପବିତ୍ର ସ୍ନାନରେ ଧାର୍ମିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି। ଆମେ ପୂର୍ବରୁ ଉଲ୍ଲେଖ କରିଥିଲୁ ଯେ ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳାର ଏହା ମାନ୍ୟତା ପାଇଛି। ବିଶ୍ୱାସ ଯେଉଁଠି ଭଗବାନ ସେଇଠି। ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସର ମହାକୁମ୍ଭ ଏହି ପ୍ରୟାଗରାଜ କୁମ୍ଭମେଳା। ସମଗ୍ର ବିଶ୍ୱରେ ବଡ଼ ଆଲୋଚ୍ୟ ଖବର ଭାବେ ଏବେ ଏହି ସର୍ବବୃହତ୍ ଧାର୍ମିକ ମେଳା। ସର୍ବ ଧର୍ମର ପ୍ରତୀକ ଏ ମେଳା ହେଉଛି ଭବ୍ୟ, ଦିବ୍ୟ ଓ ଏକତାର ମହାକୁମ୍ଭ। ଆର୍ଯ୍ୟବର୍ତ୍ତ ଭାରତର ଭିନ୍ନ ଏକ ଆଧ୍ୟାତ୍ମିକତା ଓ ଏକତାର ଏ ହେଉଛି ସ୍ୱର୍ଦ୍ଧିତ ଜୟଯାତ୍ରା।

କୁମ୍ଭମେଳା ଆୟୋଜିତ ହେଉଥିବା ପ୍ରୟାଗରାଜ ଉପରେ ଅଧିକ ତଥ୍ୟ ଓ ବିଶେଷକରି ତତ୍କାଳୀନ ଇଂରେଜ ସରକାରଙ୍କ ସମୟରେ କୁମ୍ଭମେଳା ସମ୍ପର୍କରେ ଆମେ ଅଧିକ ଜାଣିବା ପାଇଁ ବିଭିନ୍ନ ପୁସ୍ତକ ଓ ସୋସିଆଲ ମିଡ଼ିଆର ସହାୟତା ନେଇଥିଲୁ। ତଥ୍ୟରୁ ଯାହାଜଣା ପଡ଼ିଥିଲା ବ୍ରିଟିଶ ପ୍ରଶାସନ ୧୮୫୮ ମସିହାରେ ପ୍ରଥମେ ସ୍ୱୀକୃତି ପ୍ରାପ୍ତ କୁମ୍ଭମେଳାର ଆୟୋଜନ କରିଥିଲେ। ତେବେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ଭିଡ଼ ଦେଖି ବ୍ରିଟିଶ ଅଧିକାରୀମାନେ ସ୍ନାନ କର୍ମ ପାଇଁ ଘାଟ ଓ ପରିମଳ ବ୍ୟବସ୍ଥା ଭଳି ମୌଳିକ ଆବଶ୍ୟକତା ଉପରେ ସୁଧାର ଆଣିଥିଲେ ଏବଂ ଏହି ବ୍ରିଟିଶ ଶାସନ ସମୟରେ ପ୍ରୟାଗରାଜ ଯାତ୍ରା ପାଇଁ ସ୍ୱତନ୍ତ୍ର ଭାବରେ କୁମ୍ଭ ସ୍ପେସାଲ ଟ୍ରେନର ବ୍ୟବସ୍ଥା କରାଯାଇଥିଲା। ତେବେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ଭାରତ ସରକାର ମହାକୁମ୍ଭର ଆୟୋଜନ ନିଜ ହାତକୁ ନେଇଥିଲେ। ଆମେ ପ୍ରୟାଗରାଜର କୁମ୍ଭମେଳା ଏବଂ ଇଂରେଜ ମାନଙ୍କ ଭୂମିକା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଯେଉଁ ପୁସ୍ତକର ସାହାଯ୍ୟ ନେଇଥିଲୁ ସେଥିରେ ଯେଉଁ ତଥ୍ୟ ଉଲ୍ଲେଖ ରହିଛି ତାହା ସହୃଦୟ ପାଠକମାନେ ଜାଣିଲେ ଆଶ୍ଚର୍ଯ୍ୟଚକିତ ହୋଇଯିବେ। ଖୋଦ ବ୍ରିଟିଶ ସରକାରଙ୍କ ସମୟରେ ଏପରି ଏକ ଅଭାବନୀୟ ପରିସ୍ଥିତି ଓ ପରିପାର୍ଶ୍ୱିକ ଘଟଣାବଳୀ ସୃଷ୍ଟି ହୋଇଥିଲା ଯେ ଏହି କୁମ୍ଭମେଳା ହିଁ ଏକଦା ପ୍ରୟାଗକୁ ବଞ୍ଚାଇ ଦେଇଥିଲା। ଆମେ ଏହି ଆଲୋଚନା କଲାବେଳେ ସିପାହୀ ବିଦ୍ରୋହ ପ୍ରସଙ୍ଗ ଏଠାରେ ଉଲ୍ଲେଖ କରୁଛୁ। କାରଣ ସିପାହୀ ବିଦ୍ରୋହ ସମୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଉପରେ ଭାରତୀୟ ସିପାହୀମାନେ ଅନେକ କାରଣ ବଶତଃ କ୍ଷୁବ୍ଧ ହୋଇଥିଲେ ଓ ସେମାନେ ପ୍ରତିଶୋଧ ପରାୟଣ ମଧ୍ୟ ହୋଇଥିଲେ। ସେ ସମୟରେ ସେମାନଙ୍କୁ ସହଯୋଗ କରିଥିଲେ ପ୍ରୟାଗର ତତ୍କାଳୀନ ପ୍ରାଧାନ୍ୟ ଥିବା ବ୍ରାହ୍ମଣ ଓ ପଣ୍ଡିତମାନେ।

ଆଜିର ପ୍ରୟାଗରାଜକୁ ସେତେବେଳେ ଆହ୍ଲାବାଦ ଭାବେ ସମସ୍ତେ ଜାଣୁଥିଲେ। ଏହି ପ୍ରମୁଖ ଅଞ୍ଚଳଟି ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନକୁ ଆସି ଯିବା ପରେ ବ୍ରିଟିଶ ସରକାର ପ୍ରୟାଗର ସେ ସମୟରେ ଅନୁଷ୍ଠିତ ମାଘ ମେଳାରେ ଆସୁଥିବା ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ ଏପରିକି ସାଧୁସନ୍ଥଙ୍କ ଉପରେ କର ବସାଇବା ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ବିଚାର କରିଥିଲେ। ଯେଉଁମାନେ ଏକ ମାସ ପର୍ଯ୍ୟନ୍ତ ସେଠାରେ ରହିବେ ସେମାନଙ୍କୁ ବାଧ୍ୟତାମୂଳକ ଭାବେ ଜଣ ପିଛା ଏକ ଟଙ୍କା ଲେଖାଏଁ ଟିକସ ଦେବାକୁ ପଡ଼ିବ ବୋଲି ଘୋଷଣା ହେଲା। ଏପରିକି ଯେଉଁମାନେ ପବିତ୍ର ମାଘ ସ୍ନାନ କରି ମୁଣ୍ଡନ ହେବେ ସେମାନଙ୍କ ଠାରୁ ଆରମ୍ଭ କରି ମୁଣ୍ଡନ କରୁଥିବା ନାପିତ, ସ୍ଥାନୀୟ ଫୁଲ, ଭୋଗ ଓ ମିଷ୍ଟାନ୍ନ ଦୋକାନୀଙ୍କ ପାଇଁ ମଧ୍ୟ ଧାର୍ଯ୍ୟ ଟିକସର ବ୍ୟବସ୍ଥା ହେଲା ଏବଂ ଏହି ଟିକସକୁ କଡ଼ାକଡ଼ି ଭାବେ ଆଦାୟ କରିବା ପାଇଁ ପବିତ୍ର ସଙ୍ଗମ ସ୍ଥଳରେ ବ୍ରିଟିଶ ସରକାରଙ୍କ ପକ୍ଷରୁ ଚୌକୀଦାର ପ୍ରହରୀ ରହିବାର ବ୍ୟବସ୍ଥା କରାଗଲା। ହିନ୍ଦୁମାନଙ୍କର ଆସ୍ଥା ଓ ବିଶ୍ୱାସର ପବିତ୍ର ତ୍ରିବେଣୀ ସଙ୍ଗମରେ ପୂଜକ ଓ ପଣ୍ଡିତ ମାନଙ୍କ ଅଧିକାରକୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଛଡ଼ାଇ ନେବାକୁ ସେମାନେ ଆଦୌ ସହ୍ୟ କରିପାରିଲେ ନାହିଁ। ଏ ନେଇ ତୀବ୍ର ଅସନ୍ତୋଷ ଓ ଚାପା ଉତ୍ତେଜନା ତଥା ଅଭାବନୀୟ ପ୍ରତିକ୍ରିୟା ଦେଖାଗଲା।

୧୮୫୭ରେ ପ୍ରୟାଗର ପୂଜକ ଓ ବିଦ୍ରୋହୀ ସିପାହୀମାନଙ୍କୁ ବ୍ରିଟିଶ ସେନା ପରାସ୍ତ କରିଦେବା ପରେ ପ୍ରବଳ ପ୍ରତାପୀ ବ୍ରିଟିଶ ସେନା ବିରୁଦ୍ଧରେ ସଙ୍ଗମ ସ୍ଥଳରୁ ପଳାତକ ହୋଇଥିବା ପଣ୍ଡିତ ଓ ପୂଜକମାନେ ବିଭିନ୍ନ ଗାଁ ଭ୍ରମଣ କରି ସେମାନଙ୍କର ଯଜମାନ ମାନଙ୍କୁ ଛଅ ବର୍ଷ ବ୍ୟବଧାନରେ ମାଘ ମେଳାକୁ ଅର୍ଦ୍ଧ କୁମ୍ଭ ବୋଲି ଜଣାଇବାର ଭାବନା ଜାଗ୍ରତ କଲେ। ପରିସ୍ଥିତି ଏପରି ହେଲା ଯେ ଜନତାଙ୍କର ଏଭଳି ପ୍ରଚଣ୍ଡ ଧାର୍ମିକ ବିଶ୍ୱାସକୁ ତତ୍କାଳୀନ ବ୍ରିଟିଶ ସରକାର ଗ୍ରହଣ କରିବାକୁ ପ୍ରକାରାନ୍ତରେ ବାଧ ହେଲେ। ଏହି ସମୟରେ ବ୍ରିଟିଶ ସରକାରଙ୍କ ଲିପିବଦ୍ଧ ତଥ୍ୟ ଆମେ ଏଠାରେ ଉଲ୍ଲେଖ କରୁଛୁ। ପ୍ରୟାଗରେ ପ୍ରଥମ କୁମ୍ଭର ଉଲ୍ଲେଖ ୧୮୬୮ ମସିହାରେ। ଆହ୍ଲାବାଦର ତତ୍କାଳୀନ ଜିଲ୍ଲା ଶାସକ ରିକେଟ ସାହେବଙ୍କ ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲା ଯେ - 'ଆଉ ପଚିଶ ମାସ ପରେ ୧୮୭୦ ମସିହାରେ ଏଠାରେ ସ୍ଥାନୀୟ ଲୋକ ମାନଙ୍କର ଏକ ବିଶାଳ ମେଳା ଅନୁଷ୍ଠିତ ହେବ। ଯାହାର ନାମ କୁମ୍ଭମେଳା। ଏହାର ଚାଳିଶ ବର୍ଷ ପୂର୍ବେ ମଧ୍ୟ ୧୮୨୮ ମସିହାରେ ଇଷ୍ଟ ଇଣ୍ଡିଆ ଗେଜେଟରେ ହରିଦ୍ୱାରରେ ୧୨ ବର୍ଷ ବ୍ୟବଧାନରେ କୁମ୍ଭମେଳା ଏବଂ ପ୍ରୟାଗରେ ବାର୍ଷିକ ମାଘ ମେଳା ବିଷୟରେ ଉଲ୍ଲେଖ ରହିଛି। ଆମେ ଏ ପ୍ରସଙ୍ଗରେ ଲିପିବଦ୍ଧ ଅନ୍ୟ ଏକ ତଥ୍ୟ ମଧ୍ୟ ଉଲ୍ଲେଖ କରିବାକୁ ପ୍ରୟୋଜନ ମନେ କରୁଛୁ ତାହା ହେଉଛି କିଛି ପ୍ରାଚୀନ ଶିଳାଲେଖାରୁ ମିଳିଥିବା ପ୍ରାମାଣିକ ତଥ୍ୟ ଅନୁସାରେ ଏକଥା ମଧ୍ୟ ବିଶ୍ୱାସ କରାଯାଇଥାଏ ଯେ ମୌର୍ଯ୍ୟ ଓ ଗୁପ୍ତ ଯୁଗରେ ମଧ୍ୟ କୁମ୍ଭମେଳାର ଅସ୍ତିତ୍ୱ ଥିଲା। ଆଜିର ପ୍ରୟାଗରାଜରେ ଅନୁଷ୍ଠିତ ବିଶ୍ୱର ଏହି ବିରାଟ ବଡ଼ ଧାର୍ମିକ ସମାବେଶରେ ସମଗ୍ର ଭାରତ ଏକ ପ୍ରକାର ପ୍ରୟାଗରାଜରେ ଅଟକି ଯାଇଥିବାବେଳେ ସିପାହୀ ବିଦ୍ରୋହ ସମୟରେ ତତ୍କାଳୀନ ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ମନମାନୀ, ଦୌରାତ୍ମ୍ୟ, ବାସ୍ତବିକ ବଡ଼ ଆଲୋଚ୍ୟ ପ୍ରସଙ୍ଗ।


*ଆବାହକ, ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ :୯୨୩୮୬୦୨୮୨୫*


## କୁମ୍ଭ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

କୁମ୍ଭକାର ନଥିଲେ କୁମ୍ଭ ସମ୍ଭବ ନଥାନ୍ତା। କୁମ୍ଭକୁ ଆକାର କରିଛନ୍ତି ବୋଲି ନାମ ତାଙ୍କର କୁମ୍ଭକାର ବା କୁମ୍ଭ ସ୍ରଷ୍ଟା ହିଁ କୁମ୍ଭକାର। କୁମ୍ଭ ବିନା ମାଟି ପିଣ୍ଡୁଳା ଆଉ ଘୂର୍ଣ୍ଣୟମାନ ଚକ୍ର ନଥିଲେ ସୁନ୍ଦର କୁମ୍ଭ ହୋଇନପାରେ। ମାଟି ପିଣ୍ଡୁଳା ଘୂର୍ଣ୍ଣୟମାନ ଚକ୍ର ସହିତ କାହାରି ଶ୍ରମ ଓ କାରିଗରୀ ଜ୍ଞାନ ନଥିଲେ କୁମ୍ଭ ସମ୍ଭବ ବି ହୋଇନପାରେ। କୁମ୍ଭକାରଙ୍କ ପୁଣି ଇଷ୍ଟ ରୁଦ୍ରପାଳ ଅଛନ୍ତି ରୋଦନ ଉଚ୍ଚ ସ୍ୱରରେ କରୁଥିବା ବ୍ୟକ୍ତିର ନାମ ରୁଦ୍ର। ଏହି କ୍ରନ୍ଦନକାରୀକୁ କେମିତି ଶାନ୍ତି କରାଯାଇପାରିବ ଏକଥା ଯେ ନିର୍ବାହ କରିଥାନ୍ତି ତାଙ୍କ ନାମ ରୁଦ୍ରପାଳ।

ଚକ୍ର ମଧ୍ୟରେ ଅନେକ ଚକ୍ର ଥିଲେ ବି ପ୍ରଥମ ଚକ୍ର ଜ୍ଞାନଚକ୍ର ଦେଖିଲେ ବୁଝାପଡୁଛି ସପ୍ତବାର ସତ ଅରଯୁକ୍ତ ଏକ ଚକ୍ର ସପ୍ତାହରେ ଥରେ ଭୋଗ ପାଇଁ ଆସୁଛି। ଏମିତି ଅଛି ଘଣ୍ଟାର ୦ରୁ ୦ ବା ୦ରୁ ୧୨ରେ ଚିହ୍ନିତ ଘଣ୍ଟା ଚିହ୍ନ ଏହା ଦିନରେ ଦୁଇଥର ଘୁରୁଛି। ମାତ୍ର ଏଇ ୧୨ ୧୨ରେ ମିନିଟ କଣ୍ଡା ସେକେଣ୍ଡ ଘଣ୍ଟା ୬୦ ୬୦ କ୍ରମରେ ଚକ୍ର ଲଗାଉଛନ୍ତି। ଏପରି ବଡ଼ ଚକ୍ର ସମୟରେ ଯୁଗ ମନ୍ୱନ୍ତର, କଳ୍ପମାନ ଆସେ। ରାଶି ପାଇଁ ନକ୍ଷତ୍ର ପାଇଁ ଚକ୍ର ଅଛି। ରାଶିଚକ୍ରରେ ୧୨ ମୁଖ୍ୟ ଅରରେ ୨୭ ଆନୁସଙ୍ଗିକ ଅର ଓ ୧୦୮ ସୂକ୍ଷ୍ମ ଅର ଅଛି। ଏହି ରାଶିଚକ୍ର ଯେଗା ମାରୁଛନ୍ତି ସବୁଗ୍ରହ। ସୂକ୍ଷ୍ମ ବିଚାର କଲେ ଗ୍ରହଙ୍କ ପରିକ୍ରମ ମାର୍ଗ ହିଁ ରାଶିଚକ୍ରର ନାଟକ ସ୍ଥଳୀ। ୧୨ ରାଶିରେ କୁମ୍ଭ ଏକ ରାଶି। ଯେ ୯ପାଦ ବା ୯ଥର ବିଶିଷ୍ଟ ୩୦ ଅଂଶର ବୃତ୍ତ ଖଣ୍ଡରେ ଅଛି। ଏଥିରେ ୩ଟି ନକ୍ଷତ୍ର ରହିଲେ ବି ୨ଟି ଭଗ୍ନ ପାଦ କ୍ଷେତ୍ର ଧନିଷ୍ଠାର ୨ ପାଦ ଓ ପୂର୍ବଭଦ୍ରପାଦର ୩ ପାଦ ମାତ୍ର ମଧ୍ୟରେ ଶତଭିଷା ନକ୍ଷତ୍ର ଯାହାର ନାମ ବାରୁଣୀ ନକ୍ଷତ୍ର। ବାରୁଣୀର ୨ଟି ଅର୍ଥ ମଦ୍ୟ ଓ ଅମୃତ ସମୁଦ୍ର ମନ୍ଥନ ବେଳେ ମଦ୍ୟ, ଅସୁର ପାଇଥିଲେ। ଅମୃତ ଦେବତା ପାଇଥିଲେ। ଅମୃତ ମାନେ ସୋମ। ସୋମ ଯେ ପାନ କରନ୍ତି ତାଙ୍କୁ ସୋମପା କହନ୍ତି। ମଦ୍ୟପାୟୀ ମାନେ ମଦ୍ୟପ ମହିଷାସୁର ନିପାତ ବେଳ ଉପସ୍ଥିତ ବେଳେ ସ୍ୱର୍ଗରୁ ଦେବୀ ମାଆଙ୍କୁ ସ୍ୱର୍ଗରୁ ସୋମ ଢ଼ଳା ଗଲାବେଳେ ଯୁଦ୍ଧରେ ଉତ୍ତେଜନା ପାଇଁ ମହିଷା ଉପରେ ମଦ୍ୟ ଢଳା ଯାଉଥିଲା। ଏଇ ବାରୁଣୀ ନକ୍ଷତ୍ର ଯାହାର ମାଲିକ ବରୁଣ। ସାଗର, ସାଗର ମନ୍ଥନର ଦ୍ରବ୍ୟ ମଧ୍ୟରୁ ଅନ୍ୟତମ। ତାମସିକ ଶକ୍ତି ସାତ୍ତ୍ୱିକ ଶକ୍ତି ତିନି ପ୍ରବୃତ୍ତି ଓ ନିବୃତ୍ତି ମାର୍ଗ ଚାଳକମାନେ ଏହି ସାଗର ମନ୍ଥନ କରି ଏଇ ଦୁର୍ଲ୍ଲଭ ଦ୍ରବ୍ୟ ପାଇଥିଲେ।

ଚକ୍ର ଉଦ୍ଭାବକ ମନୁଷ୍ୟ କରିଛି ଆଶ୍ଚର୍ଯ୍ୟ ଭାବରେ କେବଳ ଏହି କାଳଚକ୍ର ଗତି ଦିନରାତ୍ରୀ ଋତୁ ପରିବର୍ତ୍ତନ ଦେଖି ଦେଖି। ଭଗବାନ ବିଶ୍ୱକର୍ମା। ବାହାର କରିଥିଲେ କୁନ୍ଦଯନ୍ତ୍ର ଓ ରୁଦ୍ରପାଳ ପାତ୍ର ଗଢ଼ିବା ପାଇଁ କୁମ୍ଭାର ଚକ୍ର। ତାପରେ ମନୁଷ୍ୟ ଖଟାଇ ପୁଣି ଲେଦ ମେସିନ ହେଲା। ଫାଦର ଅବ ଅଲମେସିନ। କାଳଚକ୍ର ଘୂର୍ଣ୍ଣନରେ ରବି ଚନ୍ଦ୍ର ସହିତ ଅନ୍ୟ ଗ୍ରହ ଘୁରୁଛନ୍ତି। ଏ ମଧ୍ୟରେ ବୃହସ୍ପତି ୧୨ ବର୍ଷରେ ରବି ଏକ ବର୍ଷରେ ଚନ୍ଦ୍ର ଚନ୍ଦ୍ରମାନ ୧ ମାସରେ, ବାହାଁ ସତ୍ୟ ସମ୍ବତ୍ସରରେ ବୃହସ୍ପତି ସୌରମାନରେ ସୂର୍ଯ୍ୟ ଚନ୍ଦ୍ରମାନରେ ଚନ୍ଦ୍ର ଭ୍ରମଣରେ ରହନ୍ତି। ୪ଟି ସ୍ଥିର ରାଶି ଅଛି ବୃଷ, ସିଂହ, ବିଛା ଓ କୁମ୍ଭ ଏଇ ୪ ରାଶିର ବୃହସ୍ପତି ୩ ବର୍ଷ ପରେ ଏକ ବର୍ଷ ପାଇଁ ରହନ୍ତି। ଏ ପାଇଁ ପ୍ରୟାଗରେ ବୃଷସ୍ଥ ବୃହସ୍ପତି, ଏମିତି ବାର ବର୍ଷରେ ଥରେ ଆସେ। ବୃହସ୍ପତିଙ୍କର ଅସ୍ତବକ୍ରୀ ବାଲ୍ୟବୃଦ୍ଧ ଏମିତି ଅବସ୍ଥା ଅଛି। ବୃହସ୍ପତି ଠାରୁ ରବି ୫ମ ହେଲେ ବକ୍ର, ୯ମ ହେଲେ ବକ୍ରମୁକ୍ତ ଏ ପାଇଁ ବୃଷ ବୃହସ୍ପତି ବେଳେ ମକର ରବିରେ ଉତ୍ତରାୟଣରେ କୃଷ୍ଣ ଅମାବାସ୍ୟାରୁ କୃଷ୍ଣ ଅମାବାସ୍ୟା ଏ ମଧ୍ୟରେ ଆସିବା ସହିତ ମକର ସଂକ୍ରାନ୍ତି ସରସ୍ୱତୀ ପୂଜା ଆଦିରେ ଶାହୀ ସ୍ନାନ କରାଯାଏ। ଅମୃତ ଘଟ ଯୋଗୁଁ ଅମୃତ ସ୍ନାନ ମୃତ କିଏ ? ସେ କେମିତି ଅମୃତ ପାୟୀ ହେ ଜୀବନ୍ତ ହେବ ଏହି ଭାବନା ମନୁଷ୍ୟ ମନରେ ଉଙ୍କିମାନେ। ମୃତ ସେହି ବ୍ୟକ୍ତି ଯେ କାୟିକ ବାଚିକ ଓ ମାନସିକ ସ୍ତରରେ ଭ୍ରମପୂର୍ଣ୍ଣ କାର୍ଯ୍ୟରତ ଅଛନ୍ତି। କାୟିକ ଅର୍ଥାତ୍ ଶରୀର ସମ୍ବନ୍ଧୀୟ ଗୁରୁପତ୍ନୀ ହରଣ ସ୍ୱ କନ୍ୟାପରି ଯୁବତୀ ପରି ଦୁଷ୍କର୍ମରତ। ବିବାହିତ ହୋଇ ଅନ୍ୟ ନାରୀ ସହିତ ସମ୍ପର୍କ ରଖିଥି। ସ୍ୱ ଜାତି ଛାଡ଼ି ଅନ୍ୟ ଜାତି ବା ଉଚ୍ଚ ବର୍ଗର ହୋଇ ନିମ୍ନ ବର୍ଗ ବା ନିମ୍ନ ବର୍ଗ ହୋଇ ଉଚ୍ଚ ବର୍ଗ କନ୍ୟା ସହିତ ବିବାହିତ ପୁଣି କ୍ଷଣିକ ସୁଖ ପାଇଁ ବେଶ୍ୟା ସଙ୍ଗ କରିଥିବ। ଯୁବାବସ୍ଥାରେ ବୃଥା ଶୁକ୍ରକ୍ଷୟ କରିଥିବା ପାପଗର୍ଭ କରିଥିବ ଗର୍ଭଭଙ୍ଗ କରିଥିବା ଭ୍ରୁଣହତ୍ୟା କରିଥିବ ଏଇ ମାନଙ୍କର ତାରଣ ଏପରି ଅମୃତ ସ୍ନାନରେ ଶୁଭପ୍ରଦ ହୁଏ। ବାଚିକ-କଥାର ଭୁଲ ମାର୍ଗରୁ ବ୍ୟକ୍ତିର ଅନେକ କ୍ଷତି ହୋଇଥାଏ। କଥାରେ ଉଗ୍ରତା, ଉଚ୍ଛିତ ବେଳେ ଭଟତ କଥା ନକହିବା, ସଭାରେ ମିଥ୍ୟା କହିବା, ମିଥ୍ୟା ସାକ୍ଷରରେ କାହାକୁ ଦଣ୍ଡ ଦିଆଇବା, ଠକି କରି ଅର୍ଥ ରୋଜଗାର କରିବା। ଦୟା ଏହି ବୃତ୍ତିରେ କୌଣସି ପୁରୁଷକୁ ଭ୍ରଷ୍ଟାନାରୀ ବୁଲଟା ନାରୀ, ସହିତ ବିବାହ ଦେବା, କୌଣସି ଝିଅକୁ ମଦ୍ୟପ ଠକ ନଷ୍ଟ ଚରିତ୍ରକୁ ଭଲ କହି ବିବାହ ଦେବା। କର୍କଶ କଥା କହିବା ଆଦି କାର୍ଯ୍ୟ ବାଚକ ପାପ। ଏସବୁ କୁମ୍ଭ ସ୍ନାନରେ ଖଣ୍ଡନ ହୁଏ। ସଜା ଗୁରୁମନ୍ତ୍ର ପ୍ରଭୁ ନାମ ନେଇ ଅନେକଙ୍କୁ ଲୋକ ଠକନ୍ତି ଏସବୁ ଭୟଙ୍କର ୪ତି ଏଥିରୁ ନିବୃତ୍ତି ମଧ୍ୟ କୁମ୍ଭ ସ୍ନାନରେ ମିଳେ। ମାନସିକ, ମାନସିକ ଅସ୍ଥିରତା, ମନଭଙ୍ଗ କାହାକୁ ମନେ ମନେ ଭଲ ପାଇବା ପାଇଁ ଆଗତ ଜଟିଳ ସମସ୍ୟା ଯହିଁରେ ମନ ଭଲ ଓ ଠକ ସ୍ତର ଚାକିରି ବିଦ୍ୟା ଚେଷ୍ଟା ଦ୍ୱାରା ନ ମିଳି ଥିଲେ ଗୃହରେ ଦୁଷ୍ଟଚରିତ୍ର ଘଟଣା, ଅନେକ ହାନି, ଋଣ କରି ସର୍ବସ୍ୱ ହରାଇବା ଆଦି ଯୋଗୁ ମାନସ ଚିନ୍ତାର ଆଘାତ ପାପ ଏଥିରେ ଖଣ୍ଡନ ହୁଏ।


*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ପୁରୁଷସାଥୀଙ୍କ ଭିତରେ ଏସବୁ ଗୁଣକୁ ଖୋଜିଥାନ୍ତି ମହିଳା...

ଖାଲି ପ୍ରେମରେ କଥା ଚଳେନାହିଁ, ସମ୍ପର୍କକୁ ହୃଷ୍ଟପୃଷ୍ଟ କରିବା ଲାଗି ଅନେକ ଜିନିଷ ଲୋଡା। ବିଶେଷକରି ମହିଳାମାନେ ନିଜ ସାଥୀଙ୍କଠାରୁ ପ୍ରେମ ବ୍ୟତିତ ଅନ୍ୟ ଗୁଣକୁ ଦେଖନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଯେପରିକି:

**ନମ୍ରତା:** ମହିଳାମାନେ ସାଥୀଙ୍କ ଭିତରେ ନମ୍ରତା ଗୁଣ ଖୋଜିଥାନ୍ତି। ସାଥୀ ସରଳ ପ୍ରକୃତିର ହୁଅନ୍ତୁ ଏବଂ ତାଙ୍କଠାରେ ଦୟା ଭାବ ଥାଉ ବୋଲି ମହିଳା ଚାହାନ୍ତି।



**ବୁଦ୍ଧି:** ମହିଳାମାନେ ପୁରୁଷଙ୍କଠାରେ ଖୋଜୁଥିବା ଅନ୍ୟ ଜିନିଷ ହେଉଛି ବୁଦ୍ଧି। ବୁଦ୍ଧିମାନର ଅର୍ଥ କେବଳ ଶିକ୍ଷା ଅଥବା ଡିଗ୍ରୀ ଥିବା ନୁହେଁ। ଅନେକ ପୁରୁଷ ଭଲ ଡିଗ୍ରୀ ବିନା ବୁଦ୍ଧିମାନ ହୋଇଥାନ୍ତି। ମହିଳାମାନେ ଏଭଳି ପୁରୁଷଙ୍କ ପ୍ରତି ଅଧିକ ଆକର୍ଷିତ ହୁଅନ୍ତି।

**ଉଦାରତା:** ଉଦାରତା ହେଉଛି ଅନ୍ୟ ଏକ ଗୁଣ ଯାହା ବହୁତ କମ୍ ଲୋକଙ୍କଠାରେ ଦେଖିବାକୁ ମିଳିଥାଏ। ଯେଉଁ ପୁରୁଷଙ୍କର ଉଦାର ଭାବନା ଥାଏ ସେମାନଙ୍କୁ ମହିଳାମାନେ ଶୀଘ୍ର ପସନ୍ଦ କରନ୍ତି। ସହଜରେ ମହିଳାମାନେ ଏଭଳି ପୁରୁଷଙ୍କ ପ୍ରତି ଆକର୍ଷିତ ହୋଇଥାନ୍ତି।

**ଆତ୍ମବିଶ୍ୱାସ:** ଆତ୍ମବିଶ୍ୱାସ ହେଉଛି ଏକ ଗୁଣ ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ। ମହିଳାମାନେ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ପୁରୁଷମାନଙ୍କୁ ପସନ୍ଦ କରନ୍ତି।

**ବାସ୍ତବବାଦୀ:** କୃତ୍ରିମତା ବା ଛଳନା ନ ଥିବା ପୁରୁଷଙ୍କୁ ଅଧିକାଂଶ ମହିଳା ପସନ୍ଦ କରନ୍ତି।

# ଲିପଷ୍ଟିକରେ ରହିଛି କି କର୍କଟ ହେବାର ସମ୍ଭାବନା ?

ରିପୋର୍ଟ ଅନୁଯାୟୀ, ଅଧିକାଂଶ ଲିପଷ୍ଟିକରେ କାର୍ସିନୋଜେନିକ୍ ନାମକ ଏକ ରାସାୟନିକ ପଦାର୍ଥ ରହିଥାଏ। ଏହା କର୍କଟ ରୋଗର ଆଶଙ୍କା ବଢାଇଥାଏ । କେବଳ ଏତିକି ନୁହେଁ ଅଧିକାଂଶ ଲିପଷ୍ଟିକରେ କ୍ରୋମିୟମ, ଲେଡ୍, ଆଲୁମିନିୟମ, କ୍ୟାଡମିୟମ ଏବଂ ଅନେକ ବିଷାକ୍ତ ପଦାର୍ଥ ରହିଥାଏ । ଏହା ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।



ମୁହଁର ସୌନ୍ଦର୍ଯ୍ୟରେ ପ୍ରସାଧାନ ସାମଗ୍ରୀର ଆବଶ୍ୟକତା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେଗୁଡିକ ମଧ୍ୟରେ ଲିପଷ୍ଟିକର ଭୂମିକା ଅତୁଳନୀୟ। ଏହା ମୁହଁକୁ ଆକର୍ଷଣୀୟ କରିଥାଏ। ଏଥି ସହିତ ଓଠର ସୌନ୍ଦର୍ଯ୍ୟ ମଧ୍ୟ ବଢାଇଥାଏ। କିନ୍ତୁ ଅଧିକାଂଶ ପ୍ରସାଧନ ସାମଗ୍ରୀ ଏବଂ ସୌନ୍ଦର୍ଯ୍ୟର ଯତ୍ନ ପାଇଁ ତିଆରି କରାଯାଉଥିବା ସାମଗ୍ରୀରେ ବିପଜ୍ଜନକ ରାସାୟନିକ ପଦାର୍ଥ ବ୍ୟବହୃତ ହୋଇଥାଏ। ଯଦି ଏହା ଦୀର୍ଘ ସମୟ ଧରି ବ୍ୟବହାର କରାଯାଏ ତେବେ ଏହା ହରମୋନାଲ ସିଷ୍ଟମରେ ପରିବର୍ତ୍ତନ, ଚର୍ମରେ ସଂକ୍ରମଣ ଇତ୍ୟାଦି ସମସ୍ୟା ସୃଷ୍ଟି କରିପାରେ ।

କେବଳ ଏତିକି ନୁହେଁ, ଦୀର୍ଘ ଦିନ ଧରି ଏହି ଉତ୍ପାଦଗୁଡିକ ବ୍ୟବହାର କରିଲେ ଚର୍ମ କର୍କଟ ରୋଗ ହେବାର ଆଶଙ୍କା ରହିଥାଏ। ଏଥିରୁ ଲିପଷ୍ଟିକ୍ ମଧ୍ୟ ବାଦ୍ ପଡିନାହିଁ । ରିପୋର୍ଟ ଅନୁଯାୟୀ, ଅଧିକାଂଶ ଲିପଷ୍ଟିକରେ କାର୍ସିନୋଜେନିକ୍ ନାମକ ଏକ ରାସାୟନିକ ପଦାର୍ଥ ରହିଥାଏ। ଏହା କର୍କଟ ରୋଗର ଆଶଙ୍କା ବଢାଇଥାଏ । କେବଳ ଏତିକି ନୁହେଁ ଅଧିକାଂଶ ଲିପଷ୍ଟିକରେ କ୍ରୋମିୟମ, ଲେଡ୍, ଆଲୁମିନିୟମ, କ୍ୟାଡମିୟମ ଏବଂ ଅନେକ ବିଷାକ୍ତ ପଦାର୍ଥ ରହିଥାଏ । ଏହା ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।

ପ୍ରସାଧନ ସାମଗ୍ରୀ ବା ବ୍ୟୁଟି ପ୍ରଡକ୍ଟସରେ ରାସାୟନିକ ପଦାର୍ଥ- ଆଜିକାଲି ଅଧିକାଂଶ ପ୍ରସାଧନ ସାମଗ୍ରୀ ଏବଂ ସୌନ୍ଦର୍ଯ୍ୟ ଦ୍ରବ୍ୟରେ ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଛି । ପିଏଫ୍ଏଏସ୍ ପରି ଅତ୍ୟନ୍ତ ବିପଜ୍ଜନକ ରାସାୟନିକ ପଦାର୍ଥ ଲିପଷ୍ଟିକ୍, ଲୋସନ, ନେଲପଲିସ୍, ଫାଉଣ୍ଡେସନ, ଆଇସ୍ୟାଡୋ ଏବଂ ମାସ୍କାରାରେ ମିଶାଯାଇଥାଏ । ପ୍ରସାଧନ ସାମଗ୍ରୀକୁ ଅଧିକ ସମୟ ଭଲ ରଖିବାକୁ, ସେଥିରେ ଅନେକ ପ୍ରକାରର ରାସାୟନିକ ପଦାର୍ଥ ମିଶ୍ରଣ କରାଯାଇଥାଏ । ପିଏଫ୍ଏଏସ୍ ଅର୍ଥାତ୍ ପଲିଫ୍ଲୁରୋକାଇଲ୍ ମଧ୍ୟ ସେମାନଙ୍କ ମଧ୍ୟରୁ ଗୋଟିଏ । ଏହା ଅଙ୍ଗାରକାମ୍ଳ ଏବଂ ଫ୍ଲୋରିନ୍ ଦ୍ୱାରା ଗଠିତ, ଯାହା ଶୀଘ୍ର ଭାଙ୍ଗିନଥାଏ । ଏହା ପ୍ରାୟତଃ ପ୍ରସାଧନ ସାମଗ୍ରୀ ଏବଂ ବୟନ ଶିଳ୍ପରେ ବ୍ୟବହାର କରାଯାଇଥାଏ ।



## ଲିପଷ୍ଟିକ୍‌ର ପାର୍ଶ୍ୱ ପ୍ରତିକ୍ରିୟା -

- ଲିପଷ୍ଟିକରେ ଅନେକ ରାସାୟନିକ ପଦାର୍ଥ ମିଶ୍ରଣ କରାଯାଇଥାଏ। ଏହାର କ୍ରମାଗତ ବ୍ୟବହାର ଦ୍ୱାରା ଆଲର୍ଜି କିମ୍ବା ସଂକ୍ରମଣ ବଢିପାରେ।
- ଲିପଷ୍ଟିକ୍‌ର ଲଗାତାର ପ୍ରୟୋଗ ଦ୍ୱାରା ଓଷ୍ଠର ରଙ୍ଗ କଳା ହୋଇପାରେ ।
- ଲିପଷ୍ଟିକ୍ ଖାଦ୍ୟ ମାଧ୍ୟମରେ ପେଟରେ ପ୍ରବେଶ କରି ଅନେକ ରୋଗ ସୃଷ୍ଟି କରିପାରେ ।
- ଲିପଷ୍ଟିକ୍‌ରେ ଥିବା ଲେଡ୍, ଆଲୁମିନିୟମ୍, କ୍ରୋମିୟମ୍, କେଡମିୟମ୍ ଏବଂ ମ୍ୟାଗ୍ନେସିୟମ୍ ଶରୀରରେ ପ୍ରବେଶ କଲେ ବିପଜ୍ଜନକ ହୋଇପାରେ ।
- ଲିପଷ୍ଟିକ୍ ରେ ଥିବା ଆଲୁମିନିୟମ୍ ଅଲସର ପରି ବିପଜ୍ଜନକ ରୋଗ ସୃଷ୍ଟି କରିପାରେ ।
- ଅନେକ ମହିଳା ଲିପଷ୍ଟିକ୍‌କୁ ଆଇସ୍ୟାଡୋ ଭାବରେ ବ୍ୟବହାର କରିଥାନ୍ତି। ଏହା ଆଖି ପାଇଁ ଗୁରୁତର କ୍ଷତି କରିପାରେ ।
- ଗର୍ଭାବସ୍ଥାରେ ଲିପଷ୍ଟିକ୍ ର ନିରନ୍ତର ବ୍ୟବହାର ଗୁରୁତର ସମସ୍ୟା ଆଣିପାରେ ।
- ଦୀର୍ଘ ସମୟ ପର୍ଯ୍ୟନ୍ତ ଲିପଷ୍ଟିକ୍‌ର ବ୍ୟବହାର ଦ୍ୱାରା କିଡନୀ ଫେଲ ହୋଇପାରେ ।



## ଲିପଷ୍ଟିକର କ୍ଷତିରୁ କିପରି ରକ୍ଷାପାଇବେ ?

- ହର୍ବାଲ୍ ଲିପଷ୍ଟିକ୍ ବାଛନ୍ତୁ ।
- ଲିପଷ୍ଟିକ୍ ଲଗାଇବା ପୂର୍ବରୁ ଓଠରେ ବେସ୍ ଲଗାନ୍ତୁ। ଏଥିପାଇଁ କନ୍ସିଲର୍ର ବ୍ୟବହାର କରନ୍ତୁ ।
- ଡାର୍କ ଲିପଷ୍ଟିକ୍ ବାଛିବାବେଳେ ସାମଗ୍ରୀକୁ ଦେଖନ୍ତୁ ।
- ଗର୍ଭାବସ୍ଥାରେ ଲିପଷ୍ଟିକ୍‌ର ବ୍ୟବହାର ଠାରୁ ଦୂରେଇ ରୁହନ୍ତୁ ।
- ସପ୍ତାହରେ ୩ ଥରରୁ ଅଧିକ ଲିପଷ୍ଟିକ୍ ଲଗାନ୍ତୁନାହିଁ ।
- କେବଳ ରାସାୟନିକମୁକ୍ତ ଏବଂ ପେରାବେନ୍ ମୁକ୍ତ ଲିପଷ୍ଟିକ୍ ବାଛନ୍ତୁ ।
- ଲିପଷ୍ଟିକ୍‌କୁ ଦୀର୍ଘସ୍ଥାୟୀ କରନ୍ତୁନାହିଁ ।
- ଏକ ଭଲ ବ୍ରାଣ୍ଡର ଲିପଷ୍ଟିକ୍ ବ୍ୟବହାର କରନ୍ତୁ।

# ଡୋରି ଡିଜାଇନ୍ ବ୍ଲାଉଜ୍







**ଡିଜାଇନର ବ୍ଲାଉଜ୍ ପିନ୍ଧାଯାଏ ତା'ହେଲେ ଲୁକ୍ ବେଶ୍ ଆକର୍ଷକ ଲାଗେ। ଏବେ ତ ଡୋରିବାଲା ବ୍ଲାଉଜର ଖୁବ୍ ଟ୍ରେଣ୍ଡ ଚାଲିଛି। ତା'ହେଲେ ଜାଣନ୍ତୁ ଏହି ଡୋରିବାଲା ବ୍ଲାଉଜ୍‌ର କିଛି ଲାଟେଷ୍ଟ ଡିଜାଇନ୍ ଆଉ ସେ ନେଇ କିଛି ଜରୁରୀ ଟିପ୍ସ ସମ୍ପର୍କରେ...**

ସାଇଡ୍ ଡୋରି ବ୍ଲାଉଜ୍: ନର୍ମାଲ୍ ଡୋରି ଡିଜାଇନ୍‌ବାଲା ବ୍ଲାଉଜ୍ ପିନ୍ଧି ପିନ୍ଧି ଯଦି ବୋରିଂ ଫିଲ୍ କରୁଥାନ୍ତି, ତା'ହେଲେ ସେ କ୍ଷେତ୍ରରେ ବ୍ଲାଉଜ୍‌ର ଗୋଟେ ସାଇଡ୍‌ରେ କଟ୍ ଆଉଟ୍ ଡୋରି ଡିଜାଇନ୍ କରି ବ୍ଲାଉଜ୍‌କୁ ଭିନ୍ନ ଲୁକ୍ ଦେଇପାରିବେ। ଆବଶ୍ୟକ ହେଲେ ଡବଲ୍ ଡୋରି ଡିଜାଇନ୍ ବି କରି ୟୁନିକ୍ ଲୁକ୍ ପାଇପାରିବେ।

ଜିଗ୍‌ଜାଗ୍ ଡୋରି ବ୍ଲାଉଜ୍: ଏହି ଡିଜାଇନ୍‌ର ବ୍ଲାଉଜ୍ ଟିକେ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଆପଣ ଚାହିଁଲେ ବ୍ଲାଉଜ୍‌ରେ ଜିଗ୍‌ଜାଗ୍ ଡୋରି ଡିଜାଇନ୍ କରି ସେଥିରେ ବ୍ଲାଉଜ୍ କପଡ଼ାରେ ତିଆରି ଲଟକନ୍ ମଧ୍ୟ ଲଗାଇପାରିବେ, ଯଦ୍ୱାରା ଆପଣଙ୍କ ଶାଢ଼ି ଲୁକ୍ ଅଧିକ ଆକର୍ଷଣୀୟ ଲାଗିବା ସହିତ ବୋଲ୍ଡ ଆଉ ଷ୍ଟାଇଲିଶ୍ ବି ଦେଖାଯିବେ।

ସ୍ଲିଭ୍ସ ଡୋରି ଡିଜାଇନ୍: କେବଳ ବ୍ଲାଉଜ୍‌ର ପଛପଟେ ନୁହେଁ, ଆପଣ ଚାହିଁଲେ ବ୍ଲାଉଜ୍‌ର ସ୍ଲିଭ୍ସରେ ବି କଟ୍ ଆଉଟ୍ ଡୋରି ଡିଜାଇନ୍ କରି ଭିନ୍ନ ଲୁକ୍ ପାଇପାରିବେ। କଟ୍ ଆଉଟ୍ ଡୋରି ଡିଜାଇନ୍ କରିବା ଦ୍ୱାରା ବ୍ଲାଉଜ୍ ପିନ୍ଧିବାକୁ ଭଲ ଫିଟିଙ୍ଗ୍ ବି ହୋଇଥାଏ। ଏହାକୁ ଆଉ ଟିକେ ଆକର୍ଷଣୀୟ ଲୁକ୍ ଦେବା ପାଇଁ ଆପଣ ଚାହିଁଲେ ବ୍ଲାଉଜ୍‌ର ସ୍ଲିଭ୍ସରେ କଟ୍ ଆଉଟ୍ ଡୋରି ଡିଜାଇନ୍ କରି ସେଥିରେ କିଛି ଛୋଟ ଛୋଟ ଘୁଙ୍ଗୁର ବି ଲଗାଇ ପାରିବେ।

ଡବଲ୍ ଡୋରି ଡିଜାଇନ୍: ଷ୍ଟେଟ୍‌ମେଣ୍ଟ ଲୁକ୍ ପାଇଁ ଆପଣ ଚାହିଁଲେ ବ୍ଲାଉଜ୍‌ରେ ଡବଲ୍ ଡୋରି ଡିଜାଇନ୍ ବି କରିପାରିବେ। ଏଥିପାଇଁ ଗୋଟେ ଡୋରି ବ୍ଲାଉଜ୍‌ର କାନ୍ଧ ପାଖରେ ରହିବ ଏବଂ ଅନ୍ୟ ଡୋରିଟି ବ୍ଲାଉଜ୍‌ର ଅଣ୍ଟା ପାଖରେ ରହିବ, ଯଦ୍ୱାରା ବ୍ଲାଉଜ୍ ଡିପ୍ ନେକ୍‌ର ହୋଇଥିଲେ ଏହାର ଗୋଟେ ଡୋରି କାନ୍ଧ ପାଖରେ ଥିବାରୁ ଏହା ବ୍ଲାଉଜ୍‌କୁ ସହଜରେ ଖସିବାକୁ ଦେବନାହିଁ। ସେହିପରି ଅନ୍ୟ ଡୋରିଟି ବ୍ଲାଉଜ୍‌ର ଅଣ୍ଟା ପାଖରେ ଥିବାରୁ ଏହା ଭଲ ଫିଟିଙ୍ଗ୍ ହୋଇ ରହିବ।

ମଲ୍ଟି ଡୋରି ଷ୍ଟାଇଲ୍: ଏହି ଟାଇପ୍‌ର ବ୍ଲାଉଜ୍ ଡିଜାଇନ୍ ଦେଖିବାକୁ ବେଶ୍ ଟ୍ରେଣ୍ଡି ଲାଗିଥାଏ। କଟନ୍ ଶାଢ଼ି ହେଉ କି ନେଟ୍ ଶାଢ଼ି ସବୁଥିରେ ଏହି ମଲ୍ଟି ଡୋରି କାମବାଲା ବ୍ଲାଉଜ୍ ବେଶ୍ ଭଲ ମାନିଥାଏ।

ବ୍ୟାକ୍‌ଲେସ୍ ଡୋରି ବ୍ଲାଉଜ୍: ଏହି ଟାଇପ୍‌ର ବ୍ଲାଉଜ୍ ଟିକେ ବୋଲ୍ଡ ଲୁକ୍ ଦେଇଥାଏ। ତେବେ ଧ୍ୟାନଦେବେ ଯଦି ଆପଣ ବ୍ଲାଉଜ୍‌ରେ ବ୍ୟାକ୍‌ଲେସ୍ ଡୋରି ଡିଜାଇନ୍ କରୁଥା'ନ୍ତି, ତା'ହେଲେ ତା'ସାଙ୍ଗକୁ ହେଭି ଲଟକନ୍ ଲଗାଇବେ ନାହିଁ। ଆବଶ୍ୟକ ହେଲେ ହାଲ୍‌କା ଡିଜାଇନ୍‌ର କିମ୍ବା ବ୍ଲାଉଜ୍ କପଡ଼ାରେ ତିଆରି ଛୋଟ ଛୋଟ ଲଟକନ୍ ଲଗାଇ ଭିନ୍ନ ଲୁକ୍ ପାଇପାରିବେ।

ବୋ ଷ୍ଟାଇଲ୍ ଡୋରି ବ୍ଲାଉଜ୍: ବ୍ଲାଉଜ୍‌ରେ ବୋ ଷ୍ଟାଇଲ୍ ଡୋରି ଡିଜାଇନ୍ କରିବାର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ବିଶେଷକରି ସାଟିନ୍ ଶାଢ଼ିରେ ଏହି ଷ୍ଟାଇଲ୍‌ର ବ୍ଲାଉଜ୍ ଡିଜାଇନ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।

ଫ୍ରଣ୍ଟ ଡୋରି ଡିଜାଇନ୍: ଏବେ ବ୍ଲାଉଜ୍‌ର ସାମ୍ନା ପଟେ ବି ଡୋରି ଡିଜାଇନ୍ କରାଯାଉଛି; ଯାହା ଖୁବ୍ ଟ୍ରେଣ୍ଡି ଲାଗୁଛି।

କିଛି ଟିପ୍ସ

– ଯଦି ଆପଣଙ୍କ ପାଖରେ କୌଣସି ଗୋଲ୍ଡେନ କଲର୍‌ର ଶାଢ଼ି ଥାଏ, ତା'ହେଲେ ତା'ସହିତ କ୍ରିସ୍ କ୍ରସ୍ ଡୋରି ଡିଜାଇନ୍ ହୋଇଥିବା ନାଲିରଙ୍ଗର ବ୍ଲାଉଜ୍ ବେଶ୍ ସୁନ୍ଦର ମାନିଥାଏ।
– ବର୍ଡର କାମବାଲା ବ୍ଲାଉଜ୍‌ରେ ବି କ୍ରିସ୍ କ୍ରସ୍ ଡିଜାଇନ୍‌ର ଡୋରି କାମ ଖୁବ୍ ଆକର୍ଷଣୀୟ ଲାଗିଥାଏ।
– ପିଙ୍କ୍ କଲର୍‌ର ଶାଢ଼ି ସାଙ୍ଗକୁ କ୍ରିସ୍ କ୍ରସ୍ ଡିଜାଇନ୍‌ର ଡୋରି କାମ ହୋଇଥିବା ବ୍ଲୁ କଲର୍‌ର ବ୍ଲାଉଜ୍ ଖୁବ୍ ମାନିଥାଏ।
– ସ୍ଲିଭ୍‌ଲେସ୍ ବ୍ଲାଉଜ୍‌ରେ ବି ଡୋରି ଡିଜାଇନ୍ ବେଶ୍ ଆକର୍ଷକ ଲାଗିଥାଏ।













# ଶରୀରର ଏହି ୫ ସ୍ଥାନରେ କଳାଜାଇ ଅଛି କି ?



ଜ୍ୟୋତିଷଶାସ୍ତ୍ରରେ ଶରୀରରେ ଥିବା କଳାଜାଇର ବିଶେଷ ମହତ୍ୱ ରହିଛି। ଏହାକୁ ଦେଖି କୌଣସି ମନୁଷ୍ୟର ଭବିଷ୍ୟତ ଏବଂ ବ୍ୟକ୍ତିତ୍ୱ ବିଷୟରେ ଅନୁମାନ କରାଯାଇପାରେ। ଶରୀରରେ ଥିବା କଳାଜାଇ ଶୁଭ ଓ ଅଶୁଭ ପରିଣାମ ଦେଇଥାଏ। ଆସନ୍ତୁ ଜାଣିବା ଶରୀରର କେଉଁ ସ୍ଥାନରେ କଳାଜାଇ ରହିବା ଶୁଭ ଆଉ କେଉଁଠି ରହିବା ଅଶୁଭ।

-କାନରେ କଳାଜାଇ: ଯଦି କୌଣସି ବ୍ୟକ୍ତିର କାନରେ କଳାଜାଇ ଥାଏ ତେବେ ଏହା ଶୁଭ। ଏଭଳି ଲୋକ ଜୀବନରେ ଭୌତିକ ସୁଖ ଭୋଗ କରିଥାନ୍ତି। ତାଙ୍କୁ ଜୀବନରେ ପ୍ରତିଟି ବଡ଼ ଖୁସି ମିଳିଥାଏ।

-କାନ୍ଧରେ କଳାଜାଇ: ଯେଉଁ ବ୍ୟକ୍ତିଙ୍କ କାନ୍ଧରେ କଳାଜାଇ ଥାଏ, ସେ ଦୃଢ଼ ସଙ୍କଳ୍ପ ନେଉଥିବା ଲୋକ ହୋଇଥାନ୍ତି। ଏହି ଲୋକ ଯେକୌଣସି କାମକୁ ପୂରଣ କରିବାର ଜିଦ୍ ଧରିନେଲେ ତାକୁ ପୂରଣ କରନ୍ତି। ଏମାନେ ଆଗକୁ ଯାଇ ବଡ଼ ସଫଳତା ହାସଲ କରନ୍ତି।

-ଅଣ୍ଟାର ବାମପାର୍ଶ୍ୱରେ କଳାଜାଇ: ଯେଉଁ ଲୋକଙ୍କ ଅଣ୍ଟାର ବାମପାର୍ଶ୍ୱରେ କଳାଜାଇ ଥାଏ, ସେ ବହୁତ ଖର୍ଚ୍ଚି ହୋଇଥାନ୍ତି। ହେଲେ ସେମାନଙ୍କ ଜୀବନରେ କେବେହେଲେ ଟଙ୍କାପଇସାର ଅଭାବ ରହି ନ ଥାଏ। ତାଙ୍କ ପାଖରେ ଆୟର ପର୍ଯ୍ୟାପ୍ତ ଉତ୍ସ ଥାଏ।

-ଡାହାଣ ଗାଲରେ କଳାଜାଇ: ଯେଉଁ ଲୋକଙ୍କ ଡାହାଣ ଗାଲରେ କଳାଜାଇ ଥାଏ ତାଙ୍କର ଦାମ୍ପତ୍ୟ ଜୀବନ ସର୍ବଦା ସୁଖଦାୟକ ଥାଏ। ପାର୍ଟନରଙ୍କ ସହ ତାଙ୍କର ସମ୍ପର୍କ ଭଲ ଥାଏ। ଏପରିକି ଏହି ବ୍ୟକ୍ତିମାନେ ବହୁତ ରୋମାଣ୍ଟିକ ହୋଇଥାନ୍ତି।

-ଓଠରେ କଳାଜାଇ: ଯେଉଁ ଲୋକଙ୍କ ଓଠରେ କଳାଜାଇ ଥାଏ ସେ ସର୍ବଦା କିଛି ନା କିଛି ଚିନ୍ତାରେ ଫସି ରହିଥାନ୍ତି। ଏମାନେ କଥା କଥାରେ ଭାଗ୍ୟକୁ ନିନ୍ଦିଥାନ୍ତି। ଏମାନେ ଜୀବନରେ ବେଶ କମ୍ ଥର ନିଜର ଉପଲବ୍ଧିରେ ସନ୍ତୁଷ୍ଟ ଥାନ୍ତି।

# ଜୋତାକୁ ରଖିବାର ଉପଯୁକ୍ତ ସ୍ଥାନ

ବାସ୍ତୁ ଅନୁଯାୟୀ, ସମସ୍ତ ଜିନିଷକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ଏବଂ ଘରେ ଉପଯୁକ୍ତ ସ୍ଥାନରେ ରଖିବା ଶୁଭ ବୋଲି ବିବେଚନା କରାଯାଏ। ଘରେ ଜୋତା ଏବଂ ଚପଲ ରଖିବା ପାଇଁ ମଧ୍ୟ ବାସ୍ତୁଶାସ୍ତ୍ରରେ ଉପଯୁକ୍ତ ସ୍ଥାନ ରହିଛି। ପ୍ରାୟତଃ ଲୋକମାନେ ଜୋତା ଏବଂ ଚପଲକୁ ଘର ଭିତରକୁ ନେଇ ଆସିଥାନ୍ତି ମାତ୍ର ଏପରି କରିବା ବିପଦକୁ ଡ଼ାକିବା ବା ବିପଦ ମାଡ଼ିଆସିବା ସଙ୍ଗେ ସମାନ। ଆସନ୍ତୁ ଜାଣିବା ଜୋତା ଏବଂ ଚପଲ ସମ୍ବନ୍ଧୀୟ ଉପଯୋଗୀ ବାସ୍ତୁ ବିଚାର।

ଜୋତା, ଚପଲ ଏଠାରେ ସେଠାରେ ଛିନ୍ନ ବିଛିନ୍ନ ହୋଇ ପଡିଥିଲେ। ଶନିଙ୍କର କୁପ୍ରଭାବ ପଡ଼ିଥାଏ। ଘର ବାହାରେ ଅସଜଡା ଭାବରେ ପଡ଼ିଥିବାଜୋତା କିମ୍ବା ଚପଲ ନକାରାତ୍ମକ ପ୍ରଭାବ ପକାଏ। ତେଣୁ, ସେଗୁଡ଼ିକ ସର୍ବଦା ଏକ କୋଣରେ ସଜଡ଼ା ହୋଇ ରଖିବା ଉଚିତ।

ବ୍ୟବହୃତ ଜୋତା ଏବଂ ଚପଲକୁ ସଠିକସ୍ଥାନରେ, ସର୍ବଦା ପଶ୍ଚିମ ଦିଗରେ ରଖିବା ଉଚିତ୍ ?।

ପୁରୁଣା ଜୋତା ଏବଂ ଚପଲ ରଖିବା ଦ୍ୱାରା ଘରେ ନକାରାତ୍ମକ ଶକ୍ତି ରହିଥାଏ ଏହା ସହିତ, ସମସ୍ୟା ଲାଗି ରହିଥାଏ।

ଜୋତା ଏବଂ ଚପଲର ଆଲମିରା, ପୂଜା ଏବଂ ରୋଷେଇ ଘରର କାନ୍ଥ ପାଖରେ ରଖିବା ଉଚିତ୍ ? ନୁହେଁ ।

ଘରର ପୂର୍ବ, ଉତ୍ତର, ଉତ୍ତର କିମ୍ବା ପୂର୍ବ କୋଣରେ କେବେବି ଜୋତା ରଖନ୍ତୁ ନାହିଁ।

ଆପଣ ଶୋଇଥିବା ଶଯ୍ୟା ତଳେ ଜୋତା ଏବଂ ଚପଲ ରଖନ୍ତୁ ନାହିଁ ସ୍ୱାସ୍ଥ୍ୟ ଖରାପ ହେବ।





ମାତୃଭାଷା



# ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟର ଆଞ୍ଚଳିକ ସମୀକ୍ଷା ବୈଠକ

## ଯୋଗ ଦେଲେ ୫ ରାଜ୍ୟର ପଦାଧିକାରୀ ଓ ପ୍ରତିନିଧି

## ସାମାଜିକ ନ୍ୟାୟ ଓ ସଶକ୍ତିକରଣ ସମ୍ପର୍କିତ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ସଂପର୍କିତ ସମୀକ୍ଷା

**ଭୁବନେଶ୍ୱର:** ଆଜି ଓଡ଼ିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ କେରଳ ଆଦି ୫ ଟି ରାଜ୍ୟକୁ ନେଇ ଆଞ୍ଚଳିକ ସମୀକ୍ଷା ବୈଠକଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଏହି ସମୀକ୍ଷା ବୈଠକରେ ସଂପୃକ୍ତ ବିଭାଗର ଶାସନ ସଚିବ ଶ୍ରୀ ଅମିତ ଯାଦବ ଅଧକ୍ଷତା କରିଥିଲେ । ଏହି ସମ୍ମିଳନୀରେ ସାମାଜିକ ନ୍ୟାୟ ଓ ସଶକ୍ତିକରଣକୁ ନେଇ ବିଭିନ୍ନ ଯୋଜନା ଏବଂ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଦ୍ୱାରା ରାଜ୍ୟଗୁଡ଼ିକ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଛି । ଏହି ମଞ୍ଚ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତାକୁ ଆକଳନ କରିବା, ପ୍ରମୁଖ ଆହ୍ୱାନର ମୁକାବିଲା କରିବା ଏବଂ ସମାବେଶୀ ଅଭିବୃଦ୍ଧି ତଥା ସାମାଜିକ ନ୍ୟାୟ ପାଇଁ ନୂତନ ରଣନୀତି ଅନ୍ୱେଷଣ କରିବାର ସୁଯୋଗ ପ୍ରଦାନ କରିଛି । ସମ୍ମିଳନୀର ଉଦଘାଟନୀ ଅଧିବେଶନକୁ କେନ୍ଦ୍ର ସରକାରଙ୍କ ଏହି ବିଭାଗର ଶାସନ ସଚିବ ଶ୍ରୀ ଯାଦବ, ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ସମ୍ବୋଧନ କରିଥିଲେ ଏବଂ ଓଡ଼ିଶାର ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ କୁମାର ମିଶ୍ର ପରିଚାଳନା କରିଥିଲେ । ଉଦଘାଟନୀ ଅଭିଭାଷଣରେ,




ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରି ସଂପୃକ୍ତ ବିଭାଗୀୟ ସଚିବ ଶ୍ରୀ ଯାଦବ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟକୁ ସୁନିଶ୍ଚିତ କରିବା ନିମନ୍ତେ ପ୍ରଥମେ ଏହି କାର୍ଯ୍ୟକ୍ରମ ଆଗ୍ରାରେ ଆରମ୍ଭ ହୋଇଥିଲା, ପରେ ପରେ ଆଞ୍ଚଳିକ ବୈଠକ ଲକ୍ଷ୍ନୌ, ହାଇଦ୍ରାବାଦ ଓ ଜୟପୁରରେ ଆୟୋଜିତ ହୋଇଥିଲା ବୋଲି କହିଥିଲେ । ଶ୍ରୀ ଯାଦବ କହିଛନ୍ତି, ସାମାଜିକ ନ୍ୟାୟ ଯୋଜନାଗୁଡ଼ିକ ରାଜ୍ୟସ୍ତରରେ କାର୍ଯ୍ୟକାରୀ ହେଉଛି । ତେଣୁ ଫଳପ୍ରଦ କାର୍ଯ୍ୟକାରିତା ପାଇଁ କେନ୍ଦ୍ର ଅଧିକାରୀ ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି । ସେ ଅନୁସୂଚିତ ଜାତି, ପଛୁଆ ବର୍ଗ, ଡିନୋଟିଫାଏଡ୍ ଏବଂ ନୋମାଡିକ୍ ଜନଜାତି (ଡିଏନଟି), କିନ୍ନର, ବରିଷ୍ଠ ନାଗରିକ, ପରିମଳ କର୍ମଚାରୀ ଏବଂ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କ କଲ୍ୟାଣ ସମେତ ବିଭିନ୍ନ କ୍ଷେତ୍ର ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ଯାଦବ ସଶକ୍ତିକରଣର ତିନୋଟି ମୁଖ୍ୟ ସ୍ତମ୍ଭ- ଶିକ୍ଷା, ସାମାଜିକ ଅନ୍ତର୍ଭୂକ୍ତିକରଣ ଏବଂ ଆର୍ଥିକ ସହାୟତା ବିଷୟରେ କହିଥିଲେ । ଏସସି ଏବଂ ଓବିସି ଛାତ୍ରବୃତ୍ତି, ଆର୍ଥିକ ଅନୁଦାନ ଏବଂ ଅବହେଳିତ ସମ୍ପ୍ରଦାୟ ପାଇଁ ଋଣ ଭଳି ଯୋଜନା ଅଧୀନରେ ଆର୍ଥିକ ସହାୟତାର ଉପଲବ୍ଧତା ଉପରେ ସେ ଆଲୋକପାତ କରିଥିଲେ ।

ନିଶା ମୁକ୍ତ ଭାରତ ଅଭିଯାନର କାର୍ଯ୍ୟକାରିତା ମଧ ସମୀକ୍ଷା କରାଯାଇଥିଲା, ଯେଉଁଥିରେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ସହିତ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପାଣ୍ଠିର ଉପଯୋଗିତା ପ୍ରସଙ୍ଗରେ ସେ ରାଜ୍ୟଗୁଡ଼ିକୁ ଠିକ୍ ସମୟରେ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି 'ପିଏମ-ଅଜୟ' ପଦକ୍ଷେପ ଅଧିନରେ ପାଣ୍ଠିର ସଦୁପଯୋଗ କରିବାକୁ କହିଥିଲେ । କଲ୍ୟାଣମୂଳକ ପଦକ୍ଷେପକୁ ସୁବ୍ୟବସ୍ଥିତ କରିବା ପାଇଁ ଗ୍ରାମାଞ୍ଚଳ ବିକାଶ, ପଞ୍ଚାୟତିରାଜ ଏବଂ ଶିକ୍ଷା ଭଳି ବିଭାଗଗୁଡ଼ିକ ମଧ୍ୟରେ ଆନ୍ତଃରାଜ୍ୟ ସମନ୍ୱୟର ଆବଶ୍ୟକତା ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶାର ବିଶ୍ୱସ୍ତରୀୟ ହକି ଭିତ୍ତିଭୂମି ଉପରେ ଆଲୋକପାତ କରି କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ରାଜ୍ୟର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି । ସେ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପରମ୍ପରାକୁ ମଧ ସ୍ୱୀକାର କରିଥିଲେ, ଯାହା ସାଂସ୍କୃତିକ ଏବଂ ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ମୁଖ୍ୟ ଶାସନ ସଚିବ,ଓଡ଼ିଶା ଶ୍ରୀ ଆହୁଜା ତାଙ୍କ ଅଭିଭାଷଣରେ କହିଥିଲେ ଯେ ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ଅନୁସୂଚିତ ଜାତି ଜନସଂଖ୍ୟା ଏହାର ମୋଟ ଜନସଂଖ୍ୟାର ପ୍ରାୟ ୧୭ ପ୍ରତିଶତ ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ:** ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦୧ ଗୋଟି ଅଭିଯୋଗ ମିଳିଥିଲା ।ଏଥିରେ ବ୍ୟକ୍ତିଗତ ଅଭିଯୋଗ ୮୧ ଗୋଟି, ଗ୍ରାମ ଅଭିଯୋଗ ୧୫ ଗୋଟି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ୫ ଗୋଟି ସମ୍ପର୍କରେ ରହିଥିଲା ।ତନ୍ମଧ୍ୟରୁ ୧୨ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା ।ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସ ପି ଦେବବ୍ରତ ଚକ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ରୂପଭାନୁ ମିଶ୍ର, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ,ଏନଫୋର୍ସମେଂଟ ଅଧିକାରୀ ଲିପ୍ସା ରାୟ, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ ।

## ଯୁଜୁମୁରା ବ୍ଲକରେ ଜନ ଅଭିଯୋଗ ଶୁଣାଣି

**ସମ୍ବଲପୁର:** ସମ୍ବଲପୁର ଜିଲ୍ଲା ଯୁଜୁମୁରା ବ୍ଲକ କାର୍ଯ୍ୟାଳୟ ଠାରେ ଆଜି ଜିଲ୍ଲାପାଳ, ସମ୍ବଲପୁର, ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ.) ଏବଂ ଆରକ୍ଷୀ ଅଧିକ୍ଷକ, ସମ୍ବଲପୁର, ମୁକେଶ ଭାମୁ(ଆଇପିଏସ) ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ମୋଟ ୪୩ଟି ଆବେଦନ ଗ୍ରହଣ କରାଯାଇ ଥିଲା ଯେଉଁଥିରୁ ୨୬ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧୪ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା । ୧୫ ଟି ଅଭିଯୋଗ, ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରାଗଲା । ସହାୟତା ପାଇଁ ରେଡକ୍ରସ ଅଧୀନରେ ୦୨ ଗୋଟି ଏବଂ ସି.ଏମ.ଆର.ଏଫ. ଅଧୀନରେ ୦୧ ଗୋଟି ଆବେଦନ ପ୍ରାପ୍ତ ହୋଇଥିଲା ।

# କୋଲକାତା-କାମାକ୍ଷୀ ଦର୍ଶନରେ ଗଲେ ମାଲକାନଗିରିର ୭୧ ବରିଷ୍ଠ ନାଗରିକ

**ମାଲକାନଗିରି:** ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ମାଲକାନଗିରି ଜିଲ୍ଲାରୁ ୭୧ ଜଣ ରାୟଗଡ଼ା ଅଭିମୁଖେ ଆଜି ଯାତ୍ରା କରିଛନ୍ତି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସରୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମରେ ନବରଂଗପୁର ଲୋକସଭା ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା କ୍ରୀଡ଼ା ଅଧିକାରୀ ମାଧବ ପାର୍ଙ୍ଗି ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମସ୍ତ ତୀର୍ଥ ଯାତ୍ରୀଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି ।

ମନୁଷ୍ୟ ଜୀବନ କାଳ ମଧ୍ୟରେ ପୁଣ୍ୟ ତୀର୍ଥ କ୍ଷେତ୍ର ପରିଦର୍ଶନ କରିବାର ପରମ୍ପରା ରହି ଆସିଛି । ବରିଷ୍ଠ ନାଗରିକ ତୀର୍ଥ ଯୋଜନା ମାଧ୍ୟମରେ ଜିଲ୍ଲାର ୭୧ ଜଣ ବରିଷ୍ଠ ନାଗରିକଙ୍କ କୋଲକାତା ଓ ଆସାମ ରାଜ୍ୟର ଗୌହାଟୀ ନିକଟବର୍ତୀ କାମାକ୍ଷୀ ଶକ୍ତିପୀଠ ପରିଦର୍ଶନର ସ୍ୱପ୍ନ ପୂରଣ ହୋଇପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେମାନଙ୍କ ନିମନ୍ତେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ମଧ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ୭୧ ଜଣଙ୍କ ମଧ୍ୟରୁ ୩୩ ଜଣ ପୁରୁଷ ରହିଥିବା ବେଳେ ୩୮ ଜଣ ମହିଳା ତୀର୍ଥ ଯାତ୍ରୀ ରହିଛନ୍ତି । ଆଜି ସମସ୍ତ ଯାତ୍ରୀ ରାୟଗଡ଼ା ପହଂଚିବା ପରେ ସେଠାରେ ବିଶ୍ରାମ କରିବେ ଓ ଆସନ୍ତାକାଲି ରାୟଗଡ଼ା ରେଳ ଷ୍ଟେସନରୁ ତୀର୍ଥ କ୍ଷେତ୍ର ଅଭିମୁଖେ ବାହାରିବେ । ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉକ୍ତ ଟ୍ରେନରେ ସେମାନଙ୍କ ସୁବିଧା ପାଇଁ ମେଡିକାଲ ବ୍ୟବସ୍ଥା, ଗାଇଡ, ଖାଦ୍ୟ ପାନୀୟ ସମେତ ସମସ୍ତ ବ୍ୟବସ୍ଥା କରାଯାଇଛି । ମାଲକାନଗିରି ଜିଲ୍ଲାରୁ ଏସକର୍ଟ ଅଧିକାରୀ ଭାବେ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ରାଜସ୍ୱ କର୍ମଚାରୀ ରବୀନ୍ଦ୍ରନାଥ ନାୟକ ସାଥିରେ ଗସ୍ତ କରିଛନ୍ତି । ବିଶେଷ ଭାବେ ଆର୍ଥିକ ଭାବେ ଦୁର୍ବଳ ଥିବା ବରିଷ୍ଠ ନାଗରିକ ଏହି ଯୋଜନା ମାଧ୍ୟମରେ ତୀର୍ଥ ଯାତ୍ରା କରିବାର ସୁଯୋଗ ପାଇଥାନ୍ତି । ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତନିଆ, ରଞ୍ଜନ ମହାନ୍ତି ଓ ସନ୍ତୋଷ ବିଶ୍ୱାସ ସହଯୋଗ କରିଥିଲେ ।

# ଘରେ ନିଆଁ ଲାଗି ଯିବା ଦ୍ୱାରା ମହିଳା ଗୁରୁତର

**ଧାମନଗର(ମାନିସ):** ସୋମବାର ରାତି ୧୦ ଟା ସମୟରେ ଧାମନଗର ଏନ ଏ ସି ଅନ୍ତର୍ଗତ ୫ନମ୍ବର ୱାର୍ଡ଼ ମୁଣ୍ଡାସାହିର ଘର ପୋଡ଼ି ଯିବା ଦ୍ୱାରା ମହିଳା ଗୁରୁତର ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ ମୁଣ୍ଡା ସାହିର



ରମେଶ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ମାନୁ ମୁଣ୍ଡା ସୋଇ ଥିବା ବେଳେ ଘର ନିଆଁ ଲାଗିଯିବା ଦ୍ୱାରା ୩ ବଖରା ଘର ପୋଡ଼ି ଯାଇଥିବା ବେଳେ ରମେଶର ସ୍ତ୍ରୀ ମାନୁ ମୁଣ୍ଡା ନିଦରେ ଶୋଇ ପଡ଼ିଥିଲେ ଫଳରେରେ ବାହାରକୁ ବାହାରି ପାରିନଥିଲେ ଫଳରେ ସେଇ ନିଆଁରେ ପୋଡ଼ି ହୋଇ ଯାଇଥିଲା । ଖବର ପାଇ ଧାମନଗର ଦମକଳ କେନ୍ଦ୍ରର କର୍ମଚାରି ମାନେ ଘଟଣା ସ୍ଥଳରେ ପହଞ୍ଚି ନିଆକୁ ଆୟତ କରିବା ସହ ଗୁରୁତର ମାନୁ ମୁଣ୍ଡାକୁ ଧାମନଗର ଡ଼ାକ୍ତର ଖାନା ପଠାଇ ଥିଲେ । ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଡ଼ାକ୍ତର ଖାନା ପଠାଯାଇଛି ।

# ତୀର୍ଥଯାତ୍ରୀଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ୨୪ ଘଣ୍ଟା ସୁନିଶ୍ଚିତ କରୁଛନ୍ତି ସିଆରପିଏଫ୍ କର୍ମଚାରୀ

**ପ୍ରୟାଗରାଜ:** ମହାକୁମ୍ଭ ୨୦୨୫ ର ମହା ସମାବେଶ ମଧ୍ୟରେ, କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍) ଭକ୍ତଙ୍କ ସୁରକ୍ଷା ଏବଂ ସେବା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶୃତିବଦ୍ଧ । ଏହି ମହାନ ଧାର୍ମିକ ସମାବେଶରେ ସେମାନଙ୍କର ସମର୍ପଣ ଏବଂ

**ପ୍ରତ୍ୟେକ ଜରୁରୀକାଳୀନ ପରିସ୍ଥିତିକୁ ମୁକାବିଲା କରିବାକୁ ପ୍ରସ୍ତୁତ**

ଦେଶପ୍ରେମ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରୁଛି ।

ସିଆରପିଏଫ୍ କର୍ମଚାରୀମାନେ ଘାଟ, ମେଳା ପରିସର ଏବଂ ପ୍ରମୁଖ ମାର୍ଗଗୁଡ଼ିକରେ ୨୪ ଘଣ୍ଟା ସୁରକ୍ଷା ବଜାୟ ରଖିଛନ୍ତି । ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସତର୍କତା ସହିତ, ସେମାନେ ଯେକୌଣସି ଜରୁରୀକାଳୀନ ପରିସ୍ଥିତିକୁ ମୁକାବିଲା କରିବାକୁ ପ୍ରସ୍ତୁତ ।

ବହୁତ ଭିଡ଼ ମଧ୍ୟରେ, ସିଆରପିଏଫ୍ କର୍ମଚାରୀମାନେ ସକ୍ରିୟ ଭାବରେ



ଭକ୍ତମାନଙ୍କୁ ମାର୍ଗଦର୍ଶନ ଏବଂ ସହାୟତା ପ୍ରଦାନ କରୁଛନ୍ତି । ସେମାନଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଚରଣ ଏବଂ ପ୍ରସ୍ତୁତି ପରିଦର୍ଶକମାନଙ୍କ ପାଇଁ ଏକ ସୁଗମ ଅନୁଭୂତି ସୁନିଶ୍ଚିତ କରୁଛି । ଯେକୌଣସି ସଙ୍କଟର ଶୀଘ୍ର ପ୍ରତିକ୍ରିୟା ଦେବା ପାଇଁ ସିଆରପିଏଫ୍ ର ବିପର୍ଯ୍ୟୟ ପରିଚାଳନା ଦଳ ଉଚ୍ଚ ସଜାଗ ରହିଛି । ଏହା ସହିତ, ହଜିଯାଇଥିବା ପିଲା ଏବଂ ବୃଦ୍ଧ ବ୍ୟକ୍ତିମାନଙ୍କୁ ସେମାନଙ୍କ ପରିବାର ସହିତ ପୁନଃମିଳନ କରିବାରେ ଏହି ଫୋର୍ସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

ପ୍ରତ୍ୟେକ ସିଆରପିଏଫ୍ କର୍ମଚାରୀ 'ରାଷ୍ଟ୍ର ପ୍ରଥମ' ଭାବନା ସହିତ ମହାକୁମ୍ଭରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରୁଛନ୍ତି । ସେମାନଙ୍କର ଅଟଳ ପ୍ରତିବଦ୍ଧତା ଏବଂ ସମର୍ପଣ କାର୍ଯ୍ୟକ୍ରମର ଆଧାତ୍ମିକ ସାରକୁ ଆହୁରି ବୃଦ୍ଧି କରୁଛି । ମହାକୁମ୍ଭ ୨୦୨୫ ରେ ସିଆରପିଏଫ୍ ର ନିଃସ୍ୱାର୍ଥପର ସେବା ଏବଂ ସମର୍ପଣ କେବଳ ସୁରକ୍ଷାର ଭାବନା ସୃଷ୍ଟି କରୁନାହିଁ ବରଂ ସମଗ୍ର ଦେଶ ପାଇଁ ପ୍ରେରଣା ଭାବରେ କାର୍ଯ୍ୟ କରୁଛି ।

# ଏଫଏମୟୁରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର (ମାନିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ମହାବିଦ୍ୟାଳୟରେ ଅଧ୍ୟୟନରତ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ଅଧିକ ପ୍ରଶିକ୍ଷଣ ଓ ଏକ ସହଯୋଗାତ୍ମକ ଆଭିମୁଖ୍ୟ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଉତ୍କର୍ଷର କେନ୍ଦ୍ର ତଥା ବାୟୋ-ଉତ୍ସ ପରିଚାଳନା ଏବଂ ଶକ୍ତି ସଂରକ୍ଷଣ ସାମଗ୍ରୀ ବିକାଶ ପାଇଁ ଉତ୍କର୍ଷର କେନ୍ଦ୍ର ପକ୍ଷରୁ ପ୍ରଶିକ୍ଷଣ ଶିବିର ଆରମ୍ଭ କରାଯାଇଛି । ଚଳିତ ମାସ ୧୭ ତାରିଖ ଠାରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦଘାଟନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା କରାଯାଇଅଛି । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରଫେସର ଗଗନବିହାରୀ ନିତ୍ୟାନନ୍ଦ ଚଇନୀ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି




ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନଜର ମୂଲ୍ୟବାନ ବକ୍ତବ୍ୟ ଦେଇ ଉତ୍ସାହଜନକ ଉଦବୋଧନ ପ୍ରଦାନ କରିଥିଲେ ।

କାର୍ଯ୍ୟକ୍ରମ ଆୟୋଜନର ପ୍ରମୁଖ ଉଦ୍ଦେଶ୍ୟ ନେଇ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ଉତ୍କର୍ଷ କେନ୍ଦ୍ରର ସମସ୍ତ ସଦସ୍ୟଙ୍କୁ ଏହିଧରଣର କାର୍ଯ୍ୟକ୍ରମର ଆୟୋଜନ କରାଯିବାନେଇ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ଉନ୍ମୁକ୍ତ ବ୍ୟବସ୍ଥା ମଧ୍ୟରେ ଜ୍ଞାନ ଆହରଣର ଏକ ସୁଯୋଗ ଓ ଏହାର ସଦୁପୋଯୋଗ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

ଏହି ୧୫ ଦିନିଆ ଶିବିରରେ ବିଜ୍ଞାନଜଗତର ବିଭିନ୍ନ ପ୍ରକ୍ରିୟା, ବ୍ୟବହୃତ ଉପକରଣ ସହ ପରିଚୟ, ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କ ସହ ଜ୍ଞାନ ବିନିମୟ, ଶିକ୍ଷକ ମାନଙ୍କ ଠାରୁ ଜ୍ଞାନ ଆହରଣ, ବିଷୟଗୁଡ଼ିକ ପ୍ରତି ଆଗ୍ରହ ପ୍ରଦର୍ଶନ, ବୈଜ୍ଞାନିକ ତଥା ବିଶେଷଜ୍ଞ ମାନଙ୍କ ସହ ଆଲୋଚନା ଇତ୍ୟାଦି ଅନେକ ସୁଯୋଗ ଛାତ୍ରଛାତ୍ରୀମାନେ ଲାଭ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛଅଟି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗରେ ଅଧ୍ୟୟନରତ ସ୍ନାତକ ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜର ପରିଚୟ ପ୍ରଦାନ କରିଥିଲେ ।

କାର୍ଯ୍ୟକ୍ରମର ସଂଯୋଜକ ତଥା ବିଶ୍ୱବିଦ୍ୟାଳୟ ଉତ୍କର୍ଷ କେନ୍ଦ୍ରର ନୋଡାଲ ଅଫିସର ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ସମସ୍ତ ସୂଚନା ପ୍ରଦାନ କରିଥିଲେ । ଡ଼କ୍ଟର ପୂନମ କୁମାରୀ ଉଦଘାଟନୀ ବୈଠକକୁ ସଂଚାଳନା କରିଥିଲେ ଓ ଡ଼କ୍ଟର ରାଜୀବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ନ୍ୟୁ ଡ୍ରିମ ଇଣ୍ଡିଆ ସ୍କୁଲର ବାର୍ଷିକ ଉତ୍ସବ

**ରାୟଗଡା (ମାନିସ):** ନିଷ୍ଠାର ସହ ଏକାଗ୍ରତା ରଖି ପରିଶ୍ରମ କଲେ ଜୀବନରେ ଲକ୍ଷ୍ୟ ପୂରଣ ହୋଇପାରିବ । ଛାତ୍ରଛାତ୍ରୀ ମାନେ ଅଧ୍ୟୟନ ସହ କ୍ରୀଡ଼ା ପ୍ରତି ମଧ ମନ ନିବେଶ କରିବା ଅପରିହାର୍ଯ୍ୟ । ଶନିବାର ଦିନ ସ୍ଥାନୀୟ ନ୍ୟୁ ଡ୍ରିମ ଇଣ୍ଡିଆ ସ୍କୁଲ ର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗୁଣପୁର ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଛାତ୍ରଛାତ୍ରୀଙ୍କୁ ଏହିଭଳି ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ସାହୁ ଆହୁରି କହିଥିଲେଯେ ନିଜର କଳା ପ୍ରତିଭାକୁ ଲୋକଲଚନକୁ ଆଣିବାରେ ବାର୍ଷିକ ଉତ୍ସବ ମଞ୍ଚ ପିଲା ମାନଙ୍କୁ ସୁଯୋଗ ଦେଇଥାଏ । ବିଦ୍ୟାଳୟ ର ଅଧକ୍ଷ୍ୟ କୃଷ୍ଣ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ । ପିଲାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଆଗାମୀ ଯୋଜନା ଗୁଡିକ ସମ୍ପର୍କରେ ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ସୂଚନା ଦେଇଥିଲେ । ସମ୍ପାଦକ ରାଜେଶ କୁମାର ପଣ୍ଡା ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଥିଲେ । ଏହି ଅବସରରେ ନିର୍ଦ୍ଦେଶକ ଲୋକନାଥ ମିଶ୍ର




ବିଦ୍ୟାଳୟ ପରିବେଶରେ ଇଂରାଜୀ କୋଥୋପକଥନ, ଗାଣିତିକ ଦକ୍ଷତା ବୃଦ୍ଧି ପାଇଁ ଆବକସ କ୍ଲାସ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସୂଚନା ଦେଇଥିଲେ । ଶେଷରେ ବିଦ୍ୟାଳୟ ର ପ୍ରଶାସନିକ ଅଧିକାରୀ ଅଶୋକ କୁମାର କର ବିଦ୍ୟାଳୟର ସଫଳତା ଉପରେ ଆଲୋକପାତ କରି ଅଭିଭାବକ ମାନଙ୍କ ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ର ଶିକ୍ଷୟତ୍ରୀ ରଶ୍ମିତା ପାଣିଗ୍ରାହୀ ଓ ସୁଶ୍ରୀ ଏଲ. କଲ୍ୟାଣୀ ସଂଯୋଜନା କରିଥିବା ବେଳେ ଶିକ୍ଷୟତ୍ରୀ ରଶ୍ମି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶିକ୍ଷୟତ୍ରୀ ଅମ୍ରିତା ପାଣିଗ୍ରାହୀ, ପୂର୍ବାସା ମିଶ୍ର, ସାଗରୀକା ଶତପଥୀ, ନିବେଦିତା ଦାସ, ଦୀପିକା ମିଶ୍ର, ମଧୁସ୍ମିତା ଦ୍ୱେର୍ତ୍ତା, ି. ସିରିଷା, ଦୀପାଞ୍ଜଳି ପାଳ, ବୀଣା ବେହେରା, ଶ୍ରୀଲତା ପଡ଼ିଆରୀ, ସହ-ଶିକ୍ଷକ ଜ୍ଞାନଶ୍ୱର ନାୟକ, କର୍ମଚାରୀ ଉର୍ମିଳା ଭୁକ୍ତା, ସୋନାଲି ପାଲାକା, ମଞ୍ଜୁ ପାଲାକା, ଅଙ୍କିତା ଶବର, ବାସନା ବିଡ଼ିକା ଏବଂ ରାଜେଶ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ଗୁଡିକ ପରିଚାଳନାରେ ସହଯୋଗ କରିଥିଲେ ।

# ମଦ ବୋଝେଇ ପିକଅପ ଭ୍ୟାନକୁ ପିଟିଲା ହାଇଓ୍ୱା, ଜଣେ ମୃତ



**କୁଜଙ୍ଗ:** ବିଳମ୍ବିତ ରାତିରେ କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ଥାନା କୃଷି ଫାର୍ମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛ କ୍ଷ ଏକ ମଦ ବୋଝେଇ ପିକଅପ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବେଳେ ପଛରୁ ଏକ ବାଲି ବୋଝେଇ ହାଇଓ୍ୱା ପିକଅପକୁ ଖୁବ ଜୋରରେ ଧକ୍କା ଦେଇଥିଲା । ଏଥିରେ ପିକଅପ ଭ୍ୟାନର ହେଲପରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମଦଦୋକାନୀ ପିକଅପରେ ଥିବା ମଦକୁ ଉଦ୍ଧାରପାଇଁ ଯେତିକି ତତ୍ପରତା ପ୍ରକାଶ କରିଥିଲେ ସେତିକି ତତ୍ପରତା ପିକଅପ ତଳେ ଚାପି ହୋଇଥିବା ହେଲପରଙ୍କୁ ଉଦ୍ଧାର କରିବାରେ ଦେଖାଇନଥିଲେ । ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ।

ଟାଙ୍ଗୀରୁ ଓଆର-୦୫-ଏଏସ-୬୧୨୫ ପିକଅପରେ ପାରାଦୀପ ଗଡ଼ ମଦକାଉଣ୍ଟରର ମଦ ବୋଝେଇହୋଇ ଆସୁଥିଲା । ଏହି ଗାଡ଼ିର କୁଜଙ୍ଗ କୃଷିଫାର୍ମ ନିକଟରେ କିଛି ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଫଳରେ ଡ୍ରାଇଭର ନିର୍ଦ୍ଦେଶକ୍ରମେ ହେଲପର କାମକରୁଥିଲେ । ଏହି ସମୟରେ ପଥପଟୁ ଦ୍ରୁତ ଗତିରେ ଏକ ହାଇଓ୍ୱା ପିକଅପକୁ ଧକ୍କା ଦେଇଥିଲା । ଫଳରେ ପିକଅପ କେନାଲ କଡ଼କୁ ଓଲଟି ପଡ଼ିଥିଲା । ଏହି ସମୟରେ ହେଲପର ଗାଡ଼ିତଳେ ଚାପି ହୋଇଯାଇଥିଲେ । ତାଙ୍କୁ ଦେବଦୂତ ସଡକ ସୁରକ୍ଷା ବାହିନୀ ସଭାପତି ପଙ୍କଜ କୁମାର ତରାଇ ଓ ତାଙ୍କ ସହଯୋଗୀମାନେ ଉଦ୍ଧାର କରିଥିଲେ । ମାତ୍ର ସେତେବେଳକୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମଦଦୋକାନୀ ପିକଅପରେ ଥିବା ମଦକୁ ଉଦ୍ଧାରପାଇଁ ଯେତିକି ତତ୍ପରତା ପ୍ରକାଶ କରିଥିଲେ ସେତିକି ତତ୍ପରତା ପିକଅପ ତଳେ ଚାପି ହୋଇଥିବା ହେଲପରଙ୍କୁ ଉଦ୍ଧାର କରିବାରେ ଦେଖାଇନଥିଲେ ।

# ମହାତ୍ମାଗାନ୍ଧୀ ଇଣ୍ଟର ନେସନାଲ ପବ୍ଲିକ ସ୍କୁଲର ନବମ ବାର୍ଷିକ ଉତ୍ସବ 'ଉଡ଼ାନ ୨୦୨୪-୨୫' ମହା ଆଡ଼ମ୍ବରରେ ପାଳିତ

**ରାୟଗଡା (ମାନିସ):** ରାୟଗଡ ଜିଲ୍ଲା ଗୁଣପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଇଣ୍ଡୋର୍ ଷ୍ଟାଡିୟମ୍ ନିକଟ ରେ ମହାତ୍ମା ଗାନ୍ଧୀ ଇଣ୍ଟରନେଶ୍ନାଲ ପବ୍ଲିକ୍ ସ୍କୁଲ୍ ର ନବମ ବାର୍ଷିକ ଉତ୍ସବ ଉଡ଼ାନ -୨୦୨୪-୨୫ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । . ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ସହକାରୀ ଜିଲ୍ଲାପାଳ ଶ୍ରୀଯୁକ୍ତ ସତ୍ୟଜିତ ନାୟକ , ମୁଖ୍ୟ ବକ୍ତା ଭାବେ ଭାବେ ଗୁଣପୁର ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଶଶୀ ଭୂଷଣ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଗୁଣୁପୁର ଆଦର୍ଶ ଥାନା ର ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଓ ଏ ଏସ ଆଇ ବନମାଳୀ ନାୟକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଶ୍ରୀ ବ୍ରଜ ସୁନ୍ଦର ପାଢ଼ୀ , ଉପାଧକ୍ଷ ଶ୍ରୀ ସନ୍ତୋଷ କୁମାର ଗୁରୁ , ସମ୍ପାଦକ ଶ୍ରୀ ରାଜେଶ କୁମାର ପଣ୍ଡା , ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଲୋକନାଥ ମିଶ୍ର ଓ ବିଦ୍ୟାଳୟ ର ପ୍ରିନ୍ସିପାଲ ଶ୍ରୀମତୀ ଚିତ୍ରଲେଖା ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ ଓ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥି ମାନଙ୍କ ଦ୍ୱାରା ବାର୍ଷିକ ଉତ୍ସବ ' ଉଡ଼ାନ - ୨୦୨୪-୨୫ ' ଉଦ୍ଘାଟନ କରାଯାଇଥିଲା । ଶିକ୍ଷୟତ୍ରୀ ଜୟଶ୍ରୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରି ନିମନ୍ତ୍ରିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ମଂଚ ଉପରକୁ ଆମନ୍ତ୍ରଣ କରିଥିଲେ । ଅତିଥି ମାନଙ୍କୁ କୁନି କୁନି ପିଲା ମାନଂକ ଦ୍ୱାରା ବ୍ୟାଜ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ଟ୍ରଷ୍ଟ ପକ୍ଷରୁ ଅତିଥି ମାନଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରଥମେ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗୀତ ପରିବେଷଣ କରାଯାଇଥିଲା ଓ ପରେ ଛାତ୍ରୀ ଗୁଞ୍ଜନ ପାତ୍ରଙ୍କ କଣ୍ଠରୁ ଗଣେଶ ବନ୍ଦନା ସହ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା । ଅନୁଷ୍ଠାନ ର ସଭାପତି, ଉପସଭାପତି, ସମ୍ପାଦକ ଓ ନିର୍ଦ୍ଦେଶକ ଏହି ବର୍ଷୀକ ଉତ୍ସବ ଅବସର ରେ ନିଜ ନିଜ ଅଭିଭାଷଣ ରେ ପିଲାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୁଖ୍ୟ ଅତିଥି ସହକାରୀ ଜିଲ୍ଲାପାଳ ପିଲାଙ୍କୁ ଭଲ ପାଠ ପଢିବା, ଶୃଙ୍ଖଳିତ ହେବା ଓ ଅଭିଭାବକ ଙ୍କୁ ପିଲାଙ୍କ ପାଇଁ ବାପା ମା ଙ୍କ ଭୂମିକା ବିଷୟରେ ବୁଝାଇ କହିଥିଲେ । ସମ୍ମାନିତ ଅତିଥି ଭାବେ ଗୁଣୁପୁର ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପିଲାମାନଙ୍କୁ ମୋବାଇଲ ଫୋନ୍ ଠୁ ଦୂରରେ ରହିବା ପାଇଁ ଉପଦେଶ ଦେଇଥିଲେ ଏବଂ ଅଭିଭାବକଙ୍କୁ କହିଲେ ଯେ ପିଲା ଯେପରି ପାଠ ପଢ଼ିବା ଏକ ବୋଝ ଭଳି ନ ଭାବନ୍ତି ଏହାକୁ ହସ ଖୁସିରେ ପଢ଼ିବେ ସେଥିପ୍ରତି ଧ୍ୟାନ ଦେବା ପାଇଁ କହିଥିଲେ । ଅନ୍ୟ ଏକ ସମ୍ମାନିତ ଅତିଥି ଏ ଏସ ଆଇ ବନମାଳୀ ନାୟକ ପିଲାଙ୍କୁ ଭଲ ପାଠ ପଢିବା ପାଇଁ ଉପଦେଶ ଦେବା ସହ ଅଭିଭାବକ ମାନେ ପିଲାଙ୍କୁ ଆଧାତ୍ମିକ ଚିନ୍ତା ଧାରା ତଥା ଦୈନନ୍ଦିନ ଜୀବନରେ ପିଲାମାନେ ଗୁରୁ ଜନ ମାନଙ୍କୁ କିପରି ସମ୍ମାନ ଦେବେ ତାହା ପ୍ରତି ଧ୍ୟାନ ଦେବା ପାଇଁ କହିଥିଲେ ।ମୁଖ୍ୟ ବକ୍ତା




ଶ୍ରୀଯୁକ୍ତ ମହାନ୍ତି ଅଭିଭାବକ ମାନଙ୍କ ପାଇଁ ବହୁ ତଥ୍ୟ ପ୍ରଦାନ କରିଥିଲେ ଯେପରି କି ସେ କହିଥିଲେ ପ୍ରତ୍ୟେକ ପିଲାଙ୍କ ପାଇଁ ନିଜ ଗୃହ ହିଁ ଶ୍ରେଷ୍ଠ ସ୍ଥାନ ଯେଉଁଠି ଶିଶୁ ଜନ୍ମ ନେଇଥାଏ । ଶିଶୁର ପ୍ରଥମ ଗୁରୁ ନିଜ ବାପା ମାଆଙ୍କ ହୋଇ ଥାଆନ୍ତି, ଅଭିଭାବକ ମାନେ ପିଲାଙ୍କୁ ନିଜସ୍ୱ ଇଚ୍ଛାରେ ନିୟନ୍ତ୍ରିତ ନ କରି ପିଲା ଯେଉଁ ବିଦ୍ୟା କୁ ବା ଯେଉଁ କାର୍ଯ୍ୟ କୁ ବହୁ ଖୁସିର ସହ ଆପଣେଇବା ପାଇଁ ଚାହୁଁଚି ସେହି ମହତ ଦିଗରେ ତାକୁ ଆଗକୁ ବଢିବା ପାଇଁ ଉତ୍ସାହିତ କରିବା ପାଇଁ କହିଥିଲେ । ଦୁନିଆରେ ସମସ୍ତ ପ୍ରକାର ପାଠ ର ନିଜସ୍ୱ ମହତ୍ୱ ରହିଛି ତେଣୁ ପିଲା ନିଜ ରୁଚି ଅନୁଯାଇ ପାଠ କୁ ଚୟନ କରିବା ଉଚିତ ଏବଂ ବାପା ମା ତାକୁ ସେହି ରାସ୍ତାକୁ ଯିବା ପାଇଁ ସହଯୋଗ କରିବା ଆବଶ୍ୟକ । ପ୍ରତ୍ୟେକ ଛାତ୍ର ପାଠ ପଢିବା ସହ ଶୃଙ୍ଖଳିତ ଜୀବନ, କର୍ତ୍ତବ୍ୟ ପରାୟଣ, ନିଷ୍ଠାବାନ ତଥା ସମାଜ ପାଇଁ ନିଜକୁ ସାମିଲ କଲେ ନିଶ୍ଚୟ ଦିନେ ମହାନ ବ୍ୟକ୍ତି ହୋଇପାରିବ ବୋଲି କହିଥିଲେ ।ଏହିପରି ବହୁ ଗୁରୁତ୍ୱପୁ ତଥ୍ୟ ତାଙ୍କ ବକ୍ତବ୍ୟରେ ସେ ପ୍ରକାଶ କରିଥିଲେ । ପ୍ରିନ୍ସିପାଲ୍ ଶ୍ରୀମତୀ ଭୋଇ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ର ସମସ୍ତ୍ ଶ୍ରେଣୀ ବର୍ଗ ର ଶିଶୁମାନେ ଆୟୋଜିତ ଏହି ବାର୍ଷିକ ସାଂସ୍କୃତିକ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ମଞ୍ଚ ଉପରେ ପ୍ରାୟ ୩୦ ଗୋଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । . ପୂର୍ବରୁ ହୋଇଥିବା କ୍ରୀଡା ପ୍ରତିଯୋଗିତା ତଥା ବିଭିନ୍ନ ପ୍ରତିଯୋଗୀତା ରେ କୃତିତ୍ୱ ହାସଲ କରିଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା । ମଞ୍ଚ ପରିଚାଳନା ଦାୟିତ୍ୱ ରେ ଶିକ୍ଷୟତ୍ରୀ ଜୟଶ୍ରୀ ପାଣିଗ୍ରାହୀ ଓ ଏଙ୍କରେର ତପନ କୁମାର ସେନାପତି ଥିଲେ । ତପନ ଭାଇ ତାଙ୍କ ମଜାଳିଆ କଥା ରେ ସମସ୍ତ ଅଭିଭାବକ ଓ ପିଲାଙ୍କୁ ଉଲ୍ଲସିତ କରି କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟନ୍ତ ଉପୋଭୋଗ କରିଥିଲେ । ପରିଶେଷରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମଧ ଏହି ରଙ୍ଗା ରଙ୍ଗ କାର୍ଯ୍ୟକ୍ରମରେ ଭାଗନେଇ ପରିବେଷଣ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ମଧ୍ୟରେ ମଧ୍ୟ କିଛି ପ୍ରତିଯୋଗୀତା ହୋଇଥିଲା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଉପହାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଆୟାମା ସହଯୋଗ କରିଥିଲେ ।ଶିକ୍ଷୟତ୍ରୀ ଜୟଶ୍ରୀ ପାଣିଗ୍ରାହୀ ପରିଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ଏଂ ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରିନ୍ସିପାଲ୍ ଓ ପରିଚାଳନା ଟ୍ରଷ୍ଟ ର ସମସ୍ତ ମେମ୍ବର ମିଶି ଜାତୀୟ ସଙ୍ଗୀତ ଗାନ କରି କାର୍ଯ୍ୟକ୍ରମ କୁ ଶେଷ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ନିମନ୍ତ୍ରିତ ଅତିଥି ଭାବେ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନଙ୍କ ନିମନ୍ତେ ମଧାହ୍ନ ଭୋଜନ ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

# ଆଜିଠାରୁ ଆଇସିସି ଚାମ୍ପିୟନ୍ସ ଟ୍ରଫି

## ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ

**ନୂଆଦିଲ୍ଲୀ, ୧୮।୨:** ଚାମ୍ପିୟନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବିଶ୍ୱକପରୁ କମ୍ ନୁହେଁ । ଏହି ଟୁର୍ଣ୍ଣାମେଣ୍ଟକୁ ମିନି ୱାର୍ଲ୍ଡକପ୍ ନାମରେ ଜଣାଯାଏ । ଏହା କ୍ରିକେଟ ଜଗତର ସବୁଠାରୁ ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରୁ ଗୋଟିଏ ଅଟେ । ୨୦୨୫ଚାମ୍ପିୟନ୍ସ ଟ୍ରଫିର ଆରମ୍ଭ ୧୯ଫେବୃଆରୀରୁ ହେବ । ସେହିଭଳି ଏହାର ଫାଇନାଲ ମୁକାବିଲା ୯ମାର୍ଚ୍ଚରେ ଖେଳାଯିବ ।

୨୦୨୫ଚାମ୍ପିୟନ୍ସ ଟ୍ରଫିରେ ପ୍ରାୟ ୮ଟି ଟିମ୍ ଭାଗ ନେଉଛନ୍ତି । ଏଥିରେ ପାକିସ୍ତାନ, ଭାରତ, ବାଂଲାଦେଶ, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକାର ଟିମ୍ ଅଛନ୍ତି । ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ଏହି ଟୁର୍ଣ୍ଣାମେଣ୍ଟର ଭାଗିଦାରୀ ନାହାନ୍ତି । ୨୦୨୫ଚାମ୍ପିୟନ୍ସ ଟ୍ରଫିରେ ସମସ୍ତ ୮ଟିମ୍‌କୁ ଦୁଇ ଗ୍ରୁପରେ ବଣ୍ଟା ଯାଇଛି । ପାକିସ୍ତାନ, ଭାରତ, ବାଂଲାଦେଶ ଏବଂ ନ୍ୟୁଜିଲାଣ୍ଡ ଗୋଟିଏ ଗ୍ରୁପରେ ଅଛନ୍ତି ।

> *୮ଟିମ୍‌କୁ ଦୁଇ ଗ୍ରୁପରେ ବଣ୍ଟା ଯାଇଛି । ପାକିସ୍ତାନ, ଭାରତ, ବାଂଲାଦେଶ ଏବଂ ନ୍ୟୁଜିଲାଣ୍ଡ ଗୋଟିଏ ଗ୍ରୁପରେ ଅଛନ୍ତି । ସେହିଭଳି ଆଫଗାନିସ୍ତାନ, ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ଅନ୍ୟ ଗ୍ରୁପରେ ଅଛନ୍ତି ।*

ସେହିଭଳି ଆଫଗାନିସ୍ତାନ, ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ଅନ୍ୟ ଗ୍ରୁପରେ ଅଛନ୍ତି ।



୨୦୨୫ ଚାମ୍ପିୟନ୍ସ ଟ୍ରଫିର ମ୍ୟାଚ୍ ଭାରତ ସମୟ ଅନୁସାରେ ଅପରାହ୍ନ ୨ଟା ୩୦ମିନିଟରେ ଆରମ୍ଭ ହେବ । ସେହିଭଳି ମ୍ୟାଚର ଟସ୍ ଅପରାହ୍ନ ଦୁଇଟା ସମୟରେ ହେବ। ଚାମ୍ପିୟନ୍ସ ଟ୍ରଫିର ସମସ୍ତ ମ୍ୟାଚକୁ ଆପଣ ଟିଭିରେ ଷ୍ଟାର ସ୍ପୋର୍ଟ୍ସ ନେଟୱାର୍କ ଚ୍ୟାନେଲରେ ଲାଇଭ୍ ଦେଖିପାରିବେ । ଏହା ବ୍ୟତୀତ ଏହି ମ୍ୟାଚର ଲାଇଭ୍ ଷ୍ଟ୍ରିମିଂ ଜିଓ ହଟଷ୍ଟାରରେ ହେବ ।

୨୦୨୫ଚାମ୍ପିୟନ୍ସ ଟ୍ରଫିର ଆୟୋଜନ ପାକିସ୍ତାନ ପାଖରେ ଅଛି । କିନ୍ତୁ ଭାରତ ସୁରକ୍ଷା କାରଣରୁ ନିଜ ଟିମ୍ ସେଠାକୁ ପଠାଇବାକୁ ମନା କରି ଦେଇଥିଲା । ଏଭଳି ସ୍ଥଳେ ଏବେ ଏହି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ଼ ମଡେଲରେ ଖେଳାଯାଉଛି । ଭାରତୀୟ ଟିମ୍ ନିଜ ମ୍ୟାଚ୍ ଦୁବାଇରେ ଖେଳିବ । ଯଦି ଟିମ୍ ଇଣ୍ଡିଆ ଫାଇନାଲକୁ ଯାଉଛି ତେବେ ଫାଇନାଲ୍ ମ୍ୟାଚ୍ ବି ଦୁବାଇରେ ହେବ ।

# ମନୁ ଭାକରଙ୍କୁ ବର୍ଷର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ ସମ୍ମାନ



**ନୂଆଦିଲ୍ଲୀ, ୧୮।୨:** ବିବିସି ଭାରତୀୟ ମହିଳା କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ-୨୦୨୪ ନୂଆଦିଲ୍ଲୀରେ ଆୟୋଜିତ ହୋଇଯାଇଛି । ଅଲିମ୍ପିଆନ ସୁଟର ମନୁ ଭାକର ବର୍ଷର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ ଭାବେ ପୁରସ୍କୃତ ହୋଇଛନ୍ତି । ସେମିତି ପାରା କ୍ରୀଡ଼ାରେ ଅବନୀ ଲେଖରା ଶ୍ରେଷ୍ଠ କ୍ରୀଡ଼ାବିତ ହେବାର ଗୌରବ ଲାଭ କରିଛନ୍ତି । ମନୁ ପ୍ୟାରିସ ଅଲିମ୍ପିକ୍ସରେ ଡବଲ ପଦକ ଜିତି ଦେଶ ପାଇଁ ଇତିହାସ ରଚିଥିଲେ । ଭାରତର ପ୍ରଥମ ମହିଳା ଭାବେ ଗୋଟିଏ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିଲେ । ସେ ୨୦୨୧ରେ ଉଦୀୟମାନ କ୍ରୀଡ଼ାବିତ ପୁରସ୍କାର ଜିତିଥିଲେ । ଅବନୀ ୨୦୨୦ ପାରା ଅଲିମ୍ପିକ୍ସରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ଏବଂ ୨୦୨୪ରେ ସ୍ୱର୍ଣ୍ଣ ଜିତିଥିଲେ । ପ୍ରଥମ ଭାରତୀୟ ପାରା ମହିଳା ସୁଟର ଭାବେ ସେ ଅଲିମ୍ପିକ୍ସରେ ୩ଟି ପଦକ ଜିତିଛନ୍ତି । ପାରା ତୀରନ୍ଦାଜ ଶୀତଲ ଦେବୀ ଉଦୀୟମାନ କ୍ରୀଡ଼ାବିତ ଏବଂ ମହିଳା କ୍ରିକେଟର ମିଥାଲୀ ରାଜ ଲାଇଫ୍ ? ଟାଇମ ପୁରସ୍କାର ପାଇଛନ୍ତି ।

# ଟିମ୍ ଇଣ୍ଡିଆ ଜର୍ସିରେ ପାକିସ୍ତାନର ନାମ




**ମୁମ୍ବାଇ ୧୮।୨:** ଚାମ୍ପିୟନ୍ସ ଟ୍ରଫି ପାଇଁ ସମସ୍ତ ଦଳର ନୂଆ ଜର୍ସି ଦେଖିବାକୁ ମିଳିଛି । ସମସ୍ତ ଦଳ ନିଜ ନିଜର ନୂଆ ଜର୍ସିରେ ଫଟୋସୁଟ କରିଛନ୍ତି । ତେବେ ଏହି ଟୁର୍ଣ୍ଣାମେଣ୍ଟଟି ପାକିସ୍ତାନ ଆୟୋଜନ କରୁଥିବାବେଳେ ଏହା ହାଇବ୍ରିଡ୍ ମଡେଲରେ ଖେଳଯାଉଛି । ଭାରତର ସମସ୍ତ ମ୍ୟାଚ ଦୁବାଇରେ ଖେଳାଯିବ ।

ସେପଟେ ପ୍ରଥମରୁ ଚର୍ଚ୍ଚା ହେଉଥିଲା କି, ଭାରତୀୟ ଜର୍ସିରେ ପାକିସ୍ତାନର ନାମ ରହିବ କି ନାହିଁ । ଆଉ ଏବେ ଭାରତୀୟ ଜର୍ସିରେ ଆୟୋଜକ ପାକିସ୍ତାନର ନାମ ରହିଛି । ଆଇସିସିର ସମସ୍ତ ଇଭେଣ୍ଟରେ ଯେଉଁ ଦେଶ ଆୟୋଜନ କରିଥାଏ ସେହି ଦେଶର ନାମ ସମସ୍ତ ଦଳର ଜର୍ସିରେ ରହିଥାଏ । ଏଣୁ ଭାରତୀୟ ଦଳର ଜର୍ସିରେ ମଧ ପାକିସ୍ତାନର ନାମ ରହିଛି ।

ଭାରତୀୟ ଖେଳାଳିଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଫଟୋ ସବୁ ଏବେ ପ୍ରଂଶସକମାନେ ସେୟାର କରାଯାଉଛି । କହିବାକୁ ଗଲେ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଫେବୃଆରୀ ୧୯ରୁ ଆରମ୍ଭ ହେଉଛି । ଟିମ୍ ଇଣ୍ଡିଆ ଏହି ଓଡଉ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଦିନ ଅର୍ଥାତ୍ ୨୦ ଫେବୃଆରୀରୁ ତା'ର ଅଭିଯାନ ଆରମ୍ଭ କରିବ ।

ଏହି ମ୍ୟାଚରେ ବାଂଲାଦେଶକୁ ଭେଟିବ, ଯାହା ଦୁବାଇର ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ । ଏହା ପରେ, ଭାରତକୁ ୨୩ ଫେବୃଆରୀରେ ପାକିସ୍ତାନକୁ ଭେଟିବାକୁ ପଡିବ । ମାର୍ଚ୍ଚ ୨ ତାରିଖରେ, ଏହା ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍ ?ରେ ନ୍ୟୁଜିଲାଣ୍ଡକୁ ଭେଟିବ ।

## କାହ୍ନା ଟେନଷ୍ଟାରକୁ ହରାଇ ମାଷ୍ଟର ଇଲେଭେନ ବିଜୟୀ

**ଭଦ୍ରକ, ୧୮।୨:** ଆରଡିପୀଠ ନିକଟ ପହଣାଗାଁରେ ଥିବା ଜୟ ଗଣେଷ କମିଟ ପକ୍ଷରୁ ୩ଦିନିଆ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଶେଷଦିନ ଫାଇନାଲ ମ୍ୟାଚରେ କାହ୍ନା ଟେନଷ୍ଟାର ଟିମ ଓ ମାଷ୍ଟର ଇଲେଭେନ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ ଜିଣି କାହ୍ନା ଟେନଷ୍ଟାର ଟିମ ବ୍ୟାଟିଂ କରିଥିଲା । ୮ଓଭର ଖେଳରେ ସମସ୍ତ ୱିକେଟ ହରାଇ ୫୯ରନ କରିଥିଲା । ପରେ ମାଷ୍ଟର ଇଲେଭେନ ଟିମ ୩ଓଭର ୪ଟି ବଲ ବିନା ୱିକେଟରେ ୬୦ରନ କରି ବିଜୟୀ ହୋଇଥିଲେ । ଏହି ମ୍ୟାଚରେ ସାଜିଦ ପାଣି ମ୍ୟାନଅଫ ଦି ମ୍ୟାଚ ଓ ମ୍ୟାନ ଅଫଦି ସିରିଜ ହୋଇଥିବା ବେଳେ ମ୍ୟାନ ଅଫ ରନର ଭାବେ କାହ୍ନା ଟେନଷ୍ଟାର ଟିମକୁ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ପୂର୍ବତନ ସରପଂଚ ସରୋଜ ଦାସ, ଅରବିନ୍ଦ ପାଢୀ, ପ୍ରସନ୍ନ ଜେନା, ଓଲଗ ସରପଂଚ ପ୍ରଫୁଲ ବେହେରା, ସୁନ୍ଦରପୁର ସରପଂଚ ଅଭିମନ୍ୟୁ ଜେନା, ସରପଂଚ ପ୍ରତିନିଧି ଗଣେଷ ବିଶ୍ୱାଳ ଭଗବାନ ମାଝୀ ପ୍ରମୁଖ ଯୋଗ ଦେଇ ବିଜୟୀ ଟିମକୁ ଟ୍ରଫି ଓ ନଗଦ ଟଙ୍କା ପ୍ରଦାନ କରିଥିଲେ । ଏହି ମ୍ୟାଚକୁ ଜୟ ଗଣେଷ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ ।

### କୋହଳ ହେଲା ବିସିସିଆଇ

# ଚାମ୍ପିଅନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ନିଜ ସହ ପରିବାର ରଖିପାରିବେ ଖେଳାଳି

**ନୂଆଦିଲ୍ଲୀ, ୧୮।୨:** ବର୍ଡର-ଗାଭାସ୍କର ଟ୍ରଫିର ବିଫଳତା ପରେ କଡ଼ା ନିୟମ ଜାରି କରିଥିବା ବିସିସିଆଇ ଏବେ କୋହଳ ମନୋଭାବ ଦେଖାଇଛି । ବର୍ଡର-ଗାଭାସ୍କର ଟ୍ରଫି ହାରିବା ପରେ ଭାରତୀୟ କ୍ରିକେଟରମାନେ ବିଦେଶ ଗସ୍ତରେ ନିଜର ପତ୍ନୀ, ପରିବାର କିମ୍ବା ପାର୍ଟନରଙ୍କୁ ନେଇ ଯାଇପାରିବେ ନାହିଁ ବୋଲି ବିସିସିଆଇ କହିଥିଲା । କିନ୍ତୁ ଏବେ ବିସିସିଆଇ ଖେଳାଳିଙ୍କ ପାଇଁ ବଡ଼ ଘୋଷଣା କରିଛି ।

ବିସିସିଆଇର କହିବା କଥା ଯେ ଚାମ୍ପିୟନ୍ସ ଟ୍ରଫି ବେଳେ ବିରାଟ କୋହଲି, ରୋହିତ ଶର୍ମା ଓ ଅନ୍ୟ ଭାରତୀୟ କ୍ରିକେଟରମାନେ ସେମାନଙ୍କ ପତ୍ନୀ କିମ୍ବା ପରିବାର ଲୋକଙ୍କୁ ଟୁର୍ଣ୍ଣାମେଣ୍ଟ ଖେଳା ଯିବାକୁ ଥିବା ଦୁବାଇକୁ ନେଇ ପାରିବେ । ପତ୍ନୀମାନଙ୍କ ସହ ଭାରତୀୟ କ୍ରିକେଟର ରହିପାରିବେ । ଏପରି ଖବର ବିସିସିଆଇର ୧୦ ସୂତ୍ରୀ କଡ଼ା ନିର୍ଦ୍ଦେଶରେ ବାନ୍ଧି ହୋଇ ଯାଇଥିବା ଭାରତୀୟ କ୍ରିକେଟରଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି ।

ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ବିସିସିଆଇ ଖେଳାଳିମାନଙ୍କୁ ସେମାନଙ୍କ ପତ୍ନୀ ଓ ପରିବାର ଲୋକଙ୍କୁ ସାଥୀରେ ଦୁବାଇ ନେବାକୁ ଅନୁମତି ଦେଇଛି । କିନ୍ତୁ ଅନୁମତି ଦେବା ବେଳେ ବୋର୍ଡ ପକ୍ଷରୁ ଗୋଟିଏ ସର୍ତ୍ତ ଲାଗୁ କରାଯାଇଛି । ସର୍ତ୍ତରେ କୁହାଯାଇଛି ଯେ ଖେଳାଳିମାନେ





ସେମାନଙ୍କ ପରିବାର ବର୍ଗ କିମ୍ବା ପତ୍ନୀଙ୍କୁ ଚାମ୍ପିୟନ୍ସ ଟ୍ରଫିର କେବଳ ଗୋଟିଏ ମ୍ୟାଚ୍ ପାଇଁ ସାଥୀରେ ନେଇପାରିବେ ।

> **ରହିଛି ସର୍ତ୍ତ**

ଖେଳାଳିମାନେ ନିଜ ଭିତରେ ଏନେଇ ଆଲୋଚନା କରିବେ ଓ ଏଥିପାଇଁ ବିସିସିଆଇକୁ ବିଧିବଦ୍ଧ ଭାବେ ଅନୁରୋଧ କରିପାରିବେ । ଅନୁରୋଧ ପାଇବା ପରେ ଖେଳାଳିଙ୍କ ପତ୍ନୀ କିମ୍ବା ପରିବାର ବର୍ଗଙ୍କ ପାଇଁ ବିସିସିଆଇ ଦୁବାଇ ଯିବା ଏବଂ ସେଠାରେ ରହିବା ପାଇଁ ବ୍ୟବସ୍ଥା କରିବ । ଏଥିସହ ମ୍ୟାଚ୍ ବେଳେ ଷ୍ଟାଡିୟମ ଭିତରକୁ ଯିବାର ବ୍ୟବସ୍ଥା କରିବ । କେବଳ ଗୋଟିଏ ମ୍ୟାଚରେ ଏପରି ସୁବିଧା ଉପଲବ୍ଧ ହେବ ବୋଲି ବିସିସିଆଇ କହିଛି ।

ପୂର୍ବରୁ ବିସିସିଆଇ କହିଥିଲା ଯେ ୪୫ ଦିନରୁ ଅଧିକ ସମୟ ଧରି ବିଦେଶ ଟୁରରେ ଗଲେ ଖେଳାଳିମାନେ ସେମାନଙ୍କ ପରିବାର କିମ୍ବା ପତ୍ନୀଙ୍କ ସହ କେବଳ ୨ ସପ୍ତାହର ସମୟ ବିତାଇ ପାରିବେ । ଯଦି ଟୁର କମ ଦିନର ଥିବ, ତା'ହେଲେ ଏହାକୁ ୭ ଦିନକୁ ହ୍ରାସ କରାଯିବ । ପୂରା ଟୁରରେ ଖେଳାଳିମାନଙ୍କ ସହ ସେମାନଙ୍କ ପତ୍ନୀ କିମ୍ବା ପରିବାର ଲୋକ ରହିପାରିବେ ନାହିଁ । ଏହାବାଦ ବିସିସିଆଇ ଖେଳାଳିଙ୍କ ବ୍ୟକ୍ତିଗତ କର୍ମଚାରୀ ଓ ବ୍ୟବସାୟିକ ଶୁଟ ଉପରେ ମଧ ରୋକ ଲଗାଇଥିଲା । ସମସ୍ତ ଖେଳାଳି ଟିମ ବସ୍‌ରେ ହିଁ ଯିବା ଆସିବେ କରିବେ ବୋଲି ବିସିସିଆଇ କହିଥିଲା ।

ଏବେ ନୂଆ ନିର୍ଦ୍ଦେଶନାମା ଅନୁସାରେ, ଚାମ୍ପିୟନ୍ସ ଟ୍ରଫିରେ ଖେଳାଳିମାନଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ଦୁବାଇ ନେବାକୁ ଅନୁମତି ମିଳି ନଥିଲା । କିନ୍ତୁ ଏବେ ସ୍ଥିତିକୁ ଦେଖି ବିସିସିଆଇ କେବଳ ଗୋଟିଏ ମ୍ୟାଚ ପାଇଁ ପରିବାର ଲୋକଙ୍କୁ ଖେଳାଳିମାନେ ସାଥୀରେ ନେବାକୁ ଅନୁମତି ଦେଇଛି । ତେବେ କେଉଁ ମ୍ୟାଚ୍ ପାଇଁ ଖେଳାଳିମାନେ ବୋର୍ଡର ଅନୁମତି ମାଗିବେ, ତାହା ସାର୍ବଜନୀନ ହୋଇନାହିଁ ।

ଆସନ୍ତାକାଲି ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେଉଛି । ପ୍ରଥମ ମ୍ୟାଚରେ ଆୟୋଜକ ପାକିସ୍ତାନ ଓ ନ୍ୟୁଜିଲ୍ୟାଣ୍ଡ ମୁହାଁମୁହିଁ ହେବ । ଭାରତ ତା'ର ଚାମ୍ପିୟନ୍ସ ଟ୍ରଫି ଅଭିଯାନ ବାଂଲାଦେଶ ବିପକ୍ଷରୁ ଆରମ୍ଭ କରିବ । ଏହି ମ୍ୟାଚ୍ ୨୦ ତାରିଖରେ ଦୁବାଇରେ ଖେଳାଯିବ । ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ କରୁଥିବା ବେଳେ ଭାରତ ସେଠାକୁ ଯିବାକୁ ମନା କରିଛି । ଏଥିପାଇଁ ଭାରତ ତା'ର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ । ଭାରତ ନକଆଉଟରେ ପ୍ରବେଶ କଲେ ମଧ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ଯିବ ନାହିଁ ।

# ବୁମ୍ରାଙ୍କ ଅନୁପସ୍ଥିତିରେ ଶାମି ହିଁ ଭରସା

**ବେଙ୍ଗାଲୁରୁ, ୧୮।୨ :** ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ପ୍ରମୁଖ ବୋଲର ଯଶପ୍ରୀତ ବୁମ୍ରାଙ୍କ ଅନୁପସ୍ଥିତିରେ ଭାରତ ମହମ୍ମଦ ଶାମିଙ୍କ ରିଷ୍ଟ ମ୍ୟାଜିକ୍ ବୋଲିଂ ଉପରେ ଭରସା ରଖିଛି । ଶାମି ଯଦି ତାଙ୍କ ବୋଲିଂରେ ଚମତ୍କାରିତା ଦେଖାନ୍ତି ତେବେ ଭାରତ ୧୨ବର୍ଷ ପରେ ପୁଣି ଥରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ହାସଲ କରିପାରିବ ବୋଲି ଆଶା କରାଯାଉଛି ।

ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଅସ୍ତ୍ର ବୋଲି କୁହାଯାଉଥିବା ଯଶପ୍ରୀତ ବୁମ୍ରା ଆଘାତପ୍ରାପ୍ତ ହୋଇଥିବାରୁ ସେ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି । ତେଣୁ ସମର୍ଥକମାନେ ଶାମିଙ୍କଠାରୁ କିଛିଟା ଚମତ୍କାରିତା ଆଶା କରୁଛନ୍ତି । ଚାମ୍ପିୟନ୍ସ ଟ୍ରଫିରେ ଭାରତ ଫେବୃଆରୀ ୨୦ରେ ଦୁବାଇରେ ବାଂଲାଦେଶ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ ।

ତେବେ ଶାମି ନିଜକୁ କିଭଳି ଭାବେ ପ୍ରସ୍ତୁତ କରିଛନ୍ତି ତାହା ଉପରେ ସମସ୍ତଙ୍କ ନଜର । ୩୪ ବର୍ଷୀୟ ପେସ୍ ବୋଲର ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଗତବର୍ଷ ବିଭିନ୍ନସ୍ତରରେ ବିଭିନ୍ନ ଫର୍ମାଟ୍‌ରେ କେତୋଟି ମ୍ୟାଚ ଖେଳିଛନ୍ତି । ଏକ ଚାପପ୍ରବଣ ଟୁର୍ନାମେଣ୍ଟରେ ତାଙ୍କର ପ୍ରଦର୍ଶନ କିପରି ରହୁଛି ତାହା ଲକ୍ଷ୍ୟ କରିବାର କଥା ।




ଚାମ୍ପିୟନ୍ସ ଟ୍ରଫିରେ ଶାମିଙ୍କ ପାର୍ଟନର ରହିବେ ଅର୍ଶଦୀପ ସିଂ । ଯଦିଓ ସେ ଜଣେ ବିଚକ୍ଷଣ ବୋଲର ଏପର୍ଯ୍ୟନ୍ତ ବୁମ୍ରାଙ୍କସ୍ତରର ହୋଇ ପାରି ନାହାନ୍ତି । ଭାରତର ପୂର୍ବତନ ପେସ୍ ବୋଲର ଲକ୍ଷ୍ମୀପତି ରାଜୁ କହିଛନ୍ତି, ବୁମ୍ରା ନିଶ୍ଚିତ ଭାବେ ସମସ୍ତ ଫର୍ମାଟରେ ଜଣେ ଚାମ୍ପିୟନ ବୋଲର । କିନ୍ତୁ ଶାମି ବେଶ୍ ଅଭିଜ୍ଞ । ବୁମ୍ରାଙ୍କ ଆଗମନ ପୂର୍ବରୁ ଶାମି ଭାରତୀୟ ବୋଲିଂ ଆକ୍ରମଣର ନେତୃତ୍ୱ ନେଉଥିଲେ ।

## ୧୬ତମ ସର୍ବ ଭାରତୀୟ ରାମଧୂନ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

**ସୁବର୍ଣ୍ଣପୁର, ୧୮।୨:** ସୋନପୁର ରାମଧୂନ କ୍ଲବ ଆନୁକୂଲ୍ୟରେ ୧୬ତମ ସର୍ବଭାରତୀୟ ରାମଧୂନ କପ ଫୁଟବଲ ଟୁର୍ଣ୍ଣାମେଂଟ ଆଜି ଉଦଘାଟିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳର ଉଦଘାଟନ କରିବା ସହ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ ସଭାପତି ଶ୍ରୀ ଶଶି ଭୂଷଣ ପ୍ରହରାଜ, ପୌର ପରିଷଦ ଅଧ୍ୟକ୍ଷା ତାମସି ତମସ୍ୱିତା ନାଏକ, ପ୍ରାକ୍ତନ ପୌର ପରିଷଦ ଅଧ୍ୟକ୍ଷ କଇରୁ ସାଇଁ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର, ଜିଲ୍ଲା କ୍ରିଡ଼ା ସଂଘ ଉପ ସଭାପତି ଚିତରଞ୍ଜନ ତରାସିଆ, ବିଜେପି ନଗର ସଭାପତି ସୁରେଶ୍ ବିଶ୍ୱାଳ, କାଉନସିଲର ସୁକାନ୍ତ ସାହୁ ଓ ସମସ୍ତ ଫୁଟବଲ୍ ଟିମର ପ୍ରାୟୋଜକ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ରାମଧୂନ କ୍ଲବର ସମ୍ପାଦକ ପୀୟୂଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାକୁ ଆୟୋଜକ କ୍ଲବ୍ର ମିଡିଆ କୋଡ଼ିନେଟର ମନୋରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିଲେ । କୋଶଳ ଆବାସିକ ଉଚ୍ଚ ବିଦ୍ୟାଳୟର ଜୁନିଅର୍ ଛାତ୍ର ଓ ଆୟୋଜକ କମିଟି ରାମ ଧୁନ୍ କ୍ଲବ୍ ସଦସ୍ୟଙ୍କ ଦ୍ୱାରା ଜିଲ୍ଲାପାଳ, ସମସ୍ତ ଅତିଥି ଓ ଖେଳାଳୀଙ୍କୁ ଭବ୍ୟ ସ୍ୱାଗତ କରଯାଇଥିଲା । ଶେଷରେ ବିକାଶ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଆଇପିଏଲ୍‌ର ପ୍ରଥମ ମ୍ୟାଚ୍ ଖେଳିବେନି ହାର୍ଦ୍ଦିକ



**ନୂଆଦିଲ୍ଲୀ, ୧୮।୨:** ଆଇପିଏଲ୍ ୨୦୨୫ ପାଇଁ ମ୍ୟାଚ୍ ସୂଚୀ ଜାରି ହୋଇସାରିଛି । ମାର୍ଚ୍ଚ ୨୨ରୁ ଆଇପିଏଲ୍ ଆରମ୍ଭ ହେବ । ୫ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ନିଜର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨୩ରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳିବ । ତେବେ ଏହି ମ୍ୟାଚ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ସାମନାରେ ଏକ ବଡ଼ ପ୍ରଶ୍ନ ରହିଛି । ଉଲ୍ଲେଖଯୋଗ୍ୟ, ମୁମ୍ବାଇ ଟିମ୍‌ର ଅଧିନାୟକ ଏବଂ ଷ୍ଟାର୍ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ମ୍ୟାଚ୍ ଖେଳିପାରିବେ ନାହିଁ ।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆଇପିଏଲ୍ ୨୦୨୪ରେ ତିନି ମ୍ୟାଚ୍‌ରେ ସ୍ଲୋ ଓଭର ରେଟ୍ ପାଇଁ ଗୋଟିଏ ମ୍ୟାଚ୍ ବ୍ୟାନ୍ କରାଯାଇଥିଲା । ପୂର୍ବ ସିଜିନରେ ଯେଉଁ ସମୟରେ ହାର୍ଦ୍ଦିକଙ୍କ ଉପରେ ବ୍ୟାନ ଲାଗୁ ହୋଇଥିଲା, ସେହି ସମୟରେ ମୁମ୍ବାଇ ଟିମ୍ ସିଜିନରୁ ବାହାର ହୋଇସାରିଥିଲା । ଏହି କାରଣରୁ ହାର୍ଦ୍ଦିକ ନିଜ ଦଣ୍ଡ ଭୋଗିପାରି ନଥିଲେ । କିନ୍ତୁ ଏଥର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପ୍ରଥମ ମ୍ୟାଚ୍‌ରେ ହିଁ ଏହି ଦଣ୍ଡ ଭୋଗିବାକୁ ପଡ଼ିବ । ଏବେ ସିଏସକେ ବିପକ୍ଷ ପ୍ରଥମ ମ୍ୟାଚରେ ହାର୍ଦ୍ଦିକଙ୍କୁ ଡଗ୍‌ଆଉଟ୍‌ରେ ବସିବାକୁ ପଡ଼ିବ । ତେବେ ହାର୍ଦ୍ଦିକଙ୍କ ଅନୁପସ୍ଥିତିରେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ କିଏ ହେବ ।

> • ଗୋଟିଏ ମ୍ୟାଚ୍ ପାଇଁ ଲାଗିଛି ବ୍ୟାନ୍
> • କିଏ ହେବ ପ୍ରଥମ ମ୍ୟାଚ୍‌ରେ ଅଧିନାୟକ

ହାର୍ଦ୍ଦିକଙ୍କ ସ୍ଥାନ ନେବା ପାଇଁ ମୁମ୍ବାଇ ପାଖରେ ତିନି ବିକଳ୍ପ ଅଛି ।

ମୁମ୍ବାଇ ଟିମ୍‌ରେ ହାର୍ଦ୍ଦିକଙ୍କ ସ୍ଥାନ ନେବା ପାଇଁ ସବୁଠୁ ଆଗରେ ଅଛନ୍ତି ଭାରତୀୟ ଟି-୨୦ ଟିମ୍‌ର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ । ସୂର୍ଯ୍ୟଙ୍କ ପାଖରେ ଟି-୨୦ରେ ଅଧିନାୟକ କରିବାର ଅଭିଜ୍ଞତା ମଧ ରହିଛି । ମୁମ୍ବାଇ ଟିମ୍‌କୁ ୫ଥର ଆଇପିଏଲ୍ ଟ୍ରଫି ଜିତାଇଥିବା ରୋହିତ୍ ଶର୍ମା ମଧ ହାର୍ଦ୍ଦିକଙ୍କ ସ୍ଥାନ ନେଇପାରନ୍ତି । ରୋହିତ୍ ବର୍ତ୍ତମାନ ଭାରତୀୟ ଦିନିକିଆ ଟିମ୍‌ର ଅଧିନାୟକ ଅଛନ୍ତି । ଗତ ବର୍ଷ ତାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ୍ ଜିତିଥିଲା । ହାର୍ଦ୍ଦିକଙ୍କ ସ୍ଥାନ ନେବା ପାଇଁ ତୃତୀୟ ବଡ଼ ଦାବିଦାର ହେଉଛନ୍ତି ଯଶପ୍ରୀତ ବୁମରା । ନିକଟରେ ଟେଷ୍ଟରେ ଭାରତୀୟ ଟିମ୍ ପାଇଁ ସେ କ୍ୟାପଟେନ୍ସି ବି କରିସାରିଛନ୍ତି ।

# କାଉଣ୍ଟି କ୍ରିକେଟ ଖେଳିବେ ସାର୍ଦ୍ଦୁଲ ଠାକୁର

**ନୂଆଦିଲ୍ଲୀ, ୧୮।୨:** ଭାରତର ଷ୍ଟାର ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ବହୁତ ଦିନ ଧରି ଟିମ୍ ଇଣ୍ଡିଆରୁ ବାହାରେ ଅଛନ୍ତି । ସେ ୧ ବର୍ଷରୁ ଅଧିକ ସମୟ ଧରି କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନାହାନ୍ତି । ତଥାପି ସେ ନିରନ୍ତର ଭାବେ ଘରୋଇ କ୍ରିକେଟରେ ଅଂଶଗ୍ରହଣ କରୁଛନ୍ତି । ବର୍ତ୍ତମାନ ସେ ରଣଜୀ ଟ୍ରଫିରେ ମୁମ୍ବାଇ ଦଳ ପାଇଁ ଖେଳୁଛନ୍ତି, ଯେଉଁଠାରେ ତାଙ୍କ ଦଳ ବିଦର୍ଭ ବିପକ୍ଷରେ ଖେଳୁଛି । ଅପରପକ୍ଷେ ଟିମ ଇଣ୍ଡିଆକୁ ତାଙ୍କର ପ୍ରତ୍ୟାବର୍ତ୍ତନ ଦେଖାଯାଉନାହିଁ । ଏପରି ପରିସ୍ଥିତିରେ ଶାର୍ଦ୍ଦୁଳ ଠାକୁର ଏକ ବଡ଼ ନିଷ୍ପତ୍ତି ନେବେ । ସେ ତାଙ୍କ ମୁମ୍ବାଇ ଦଳର ସାଥୀ ପୃଥ୍ୱୀ ଶ'ଙ୍କ ପଥ ଅନୁସରଣ କରିବାକୁ ଯାଉଥିବା କୁହାଯାଉଛି ।

କହିବାକୁ ଗଲେ ପୃଥ୍ୱୀ ଶ' ମଧ ବହୁ ବର୍ଷ ଧରି ଟିମ୍ ଇଣ୍ଡିଆ ପାଇଁ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନାହାନ୍ତି । ଏପରି ପରିସ୍ଥିତିରେ ଦଳରେ ପ୍ରତ୍ୟାବର୍ତ୍ତନ ପାଇଁ, ସେ ଇଂଲଣ୍ଡରେ ଖେଳାଯାଇଥିବା କାଉଣ୍ଟି ଚାମ୍ପିଅନଶିପରେ ଅନେକ ଥର ଅଂଶଗ୍ରହଣ କରିଛନ୍ତି । ଏବେ ଶାର୍ଦ୍ଦୁଳ ଠାକୁର ମଧ ସମାନ କିଛି କରିବାକୁ ଯାଉଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଶାର୍ଦ୍ଦୁଳ ୨୦୨୫ କାଉଣ୍ଟି ଚାମ୍ପିଅନଶିପ ପାଇଁ ଏସେକ୍ସ ଦଳର ଅଂଶ ହେବାକୁ ଯାଉଛନ୍ତି । ଟିମ ଇଣ୍ଡିଆ ଜୁନ୍‌ରେ ଇଂଲଣ୍ଡ ବିପକ୍ଷରେ ଏକ ଟେଷ୍ଟ ସିରିଜ ଖେଳିବ । ଏଣୁ ଶାର୍ଦ୍ଦୁଳ କାଉଣ୍ଟି ଚାମ୍ପିଅନଶିପରେ ଭଲ ପ୍ରଦର୍ଶନ କରି ଟିମ୍ ଇଣ୍ଡିଆରେ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଛନ୍ତି ।

> **ଜାତୀୟ ଦଳକୁ ଫେରିବା ପାଇଁ ଚଳାଇଛନ୍ତି କସରତ୍**




କହି ରଖୁଛୁ, ଶାର୍ଦ୍ଦୁଳ ଠାକୁର ଏଥର ଆଇପିଏଲ୍‌ର ଅଂଶ ନାହାନ୍ତି । ତାଙ୍କୁ ଆଇପିଏଲ୍ ୨୦୨୫ ପାଇଁ ଚେନ୍ନାଇ ସୁପର କିଙ୍ଗସ୍ ରିଟେନ୍ କରି ନ ଥିଲା ଏବଂ ତା'ପରେ କୌଣସି ଦଳ ତାଙ୍କୁ ଆଇପିଏଲ୍ ୨୦୨୫ ମେଗା ନିଲାମରେ ମଧ କିଣି ନ ଥିଲା । ସେ ନିଲାମରେ ତାଙ୍କର ମୂଳ ମୂଲ୍ୟ ୨ କୋଟି ଟଙ୍କା ରଖିଥିଲେ । ଏପରି ପରିସ୍ଥିତିରେ, ସେ ଆଇପିଏଲ୍ ସମୟରେ ଇଂଲଣ୍ଡ ଯାଇପାରନ୍ତି, ଯେଉଁଠାରେ ସେ କାଉଣ୍ଟି ଚାମ୍ପିଅନଶିପରେ ଏସେକ୍ସ ଦଳ ପାଇଁ ଖେଳିବାର ଦେଖାଯିବେ ।

ଶାର୍ଦ୍ଦୁଳ ଏଯାବତ ଟିମ୍ ଇଣ୍ଡିଆ ପାଇଁ ୧୧ ଟେଷ୍ଟ, ୪୭ ଦିନିକିଆ ଏବଂ ୨୫ ଟି-୨୦ ମ୍ୟାଚ୍ ଖେଳି ସାରିଛନ୍ତି । ଏହି ସମୟ ମଧ୍ୟରେ ସେ ୧୨୯ ଉଇକେଟ ନେଇଛନ୍ତି ଏବଂ ୫ଟି ଅର୍ଦ୍ଧଶତକ ସହାୟତାରେ ୭୨୯ ରନ୍ ମଧ କରିଛନ୍ତି । ଶାର୍ଦ୍ଦୁଳ ୨୦୨୩ ପର୍ଯ୍ୟନ୍ତ ଟିମ ଇଣ୍ଡିଆର ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଥିଲେ । ସେ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଏବଂ ୨୦୨୩ ଦିନିକିଆ ବିଶ୍ୱକପରେ ମଧ ଭାରତୀୟ ଦଳର ଅଂଶ ଥିଲେ । କିନ୍ତୁ ସେବେଠାରୁ ସେ ଟିମ ଇଣ୍ଡିଆକୁ ଫେରିପାରି ନାହାନ୍ତି ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar